RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -47 | ସଂଖ୍ୟା-୪୭
ଭୁବନେଶ୍ୱର, ସୋମବାର ୨୭ ଏପ୍ରିଲ, ୨୦୨୬
Bhubaneswar, Monday 27 April, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଟ୍ରମ୍ପଙ୍କୁ ପୁଣି ହତ୍ୟା ଉଦ୍ୟମ

## ୩୧ ବର୍ଷୀୟ କୋଲ୍ ଥୋମାସ୍ ଆଲେନ୍ ଗିରଫ

ୱାଂଶିଟନ,୨୬।୪: ସମୟ ରାତି ସାଢେ ୮ଟା । ସବୁ ବର୍ଷ ପରି ଏଥର ବି ଆମେରିକାର ହିଲଟନ ହୋଟେଲରେ ଚ଼ାଲିଥିଲା ହାଇଟ ହାଉସ କରେନ୍ସପଣ୍ଡେଣ୍ଟ ଡିନର ପାର୍ଟି । ଉପସ୍ଥିତ ଥିଲେ ବିଶ୍ୱର କ୍ଷମତାଶାଳୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସାଙ୍ଗରେ ଥିଲେ ପତ୍ନୀ ମିଲେନିଆ, ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଅଢେଇ ହଜାରରୁ



ଅଧିକ ସାମ୍ବାଦିକ । ହ୍ୱାଇଟ ହାଉସର ବରିଷ୍ଠ ଅଧିକାରୀ ବି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ସମସ୍ତେ ଡିନର ପାର୍ଟିର ମଜା ଉଠାଉଥିଲେ । ଅପେକ୍ଷା କରିଥିଲେ ରାଷ୍ଟ୍ରପତିଙ୍କ ସମ୍ବୋଧନକୁ । ତାପୂର୍ବରୁ ହୋଟେଲ ଭିତରେ ଗୁଳି ଶବ୍ଦ ସମସ୍ତଙ୍କୁ ଚ଼କିତ କରିଛି । କେହି କିଛି ବୁଝିବା ଆଗରୁ ଅତିଥି ମାନେ ଏଣେ ତେଣେ ଦୌଡିବା ସହ ଖାଇବା ଟେବୁଲ ତଳେ ଲୋକେ ଲୁଚ଼ିଥିଲେ । ଟ୍ରମ୍ପ ଏବଂ ମିଲେନିଆଙ୍କୁ ଘେରିଯାଇଥିଲେ ସୁରକ୍ଷା କର୍ମୀ । ଏହି ସମୟରେ ଟ୍ରମ୍ପ ତଳେ ମଧ ପଡିଯାଇଥିଲେ । ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ରେଟ ସର୍ଭିସ ଏଜେଣ୍ଟ, ଏଫବିଆଇ ଓ ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ଡୋନାଲ୍ଡ ଟ୍ରମ୍ପ ଓ ମିଲେନିଆଙ୍କୁ ଉଦ୍ଧାର କରି ଜେଡି ଭାନ୍ସଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଥିଲେ ସିକ୍ରେଟ ସର୍ଭିସ ଅଧିକାରୀ । ଏପଟେ କିଛି ସମୟର କସରତ ପରେ ଅଭିଯୁକ୍ତ ଧରାପଡିଥିଲା । ପୋଲିସ ତାକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି । ଘଟଣା ପରେ ପ୍ରତିକ୍ରିୟା ରଖିଥିଲେ ଟ୍ରମ୍ପ । ଏଭଳି ଘଟଣା ତାଙ୍କ ଆତ୍ମବିଶ୍ୱାସକୁ କମାଇ ପାରିବନି କହିଥିଲେ ।

ଗୁଳିକାଣ୍ଡ ଘଟଣାକୁ ସାରା ବିଶ୍ୱରେ ଚ଼ର୍ଚ୍ଚା । ଗୁଳିକାଣ୍ଡ କରିଥିବା ଯୁବକ କିଏ ଗୁଳିମାଡ କରିଥିବା ଯୁବକ ହେଉଛନ୍ତି ୩୧ ବର୍ଷୀୟ କୋଲ୍ ଥୋମାସ୍ ଆଲେନ୍ । ସେ କାଲିଫର୍ଣ୍ଣିଆର ବାସିନ୍ଦା । ଟ୍ରମ୍ପଙ୍କ ଡିନର ପାର୍ଟି ଭିତରେ ପଶି ୫ରୁ ୮ ରାଉଣ୍ଡ ଗୁଳି କରିଥିଲେ । ଥୋମାସ୍ ଆଲେନ୍ ଜଣେ ମେକାନିକାଲ୍ ଇଞ୍ଜିନିୟର । କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ କରିଛନ୍ତି । ନାସାରେ ମଧ୍ୟ କିଛି ବର୍ଷ କାମ କରିଥିଲେ । ବଲ୍‌ରୁମ୍‌ରେ ଥିବା ଟ୍ରମ୍ପଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଆଲେନଙ୍କୁ ଏକ ସୁରକ୍ଷା ଚେକପଏଣ୍ଟରେ ଅଟକାଯାଇଥିଲା । ଏହି ସମୟରେ ଆଲେନ ଗୁଳି ଚ଼ଳାଇଥିଲେ । ଟ୍ରମ୍ପଙ୍କ ଉପରେ ଏଭଳି ଆକ୍ରମଣ ଯୋଜନା ସାରା ବିଶ୍ୱରେ ଚ଼ର୍ଚ୍ଚାର ବିଷୟ ପାଲଟିଛି । ଘଟଣା ପଛରେ ପ୍ରକୃତ ଘଟଣା ଏଯାଏଁ ଜଣାପଡିନି । ଏହି ଗୁଳିକାଣ୍ଡକୁ ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି କହିଛନ୍ତି ।

## ମହାପ୍ରଭୁ ଜଗନ୍ନାଥଙ୍କୁ ଅସମ୍ମାନ, ମିନି ଟ୍ରକରେ ବୁଲାଇଲେ ସହର

ପୁରୀ: କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ନିନ୍ଦା ସତ୍ତ୍ୱେ ବେପରୁଆ କିଛି ଲୋକ । ବାରମ୍ବାର ତାଗିଦ ପରେ ବି ମାନୁନାହାନ୍ତି ପରମ୍ପରା । ଓଡିଆଙ୍କ ଭାବାବେଗ ଓ ଜଗନ୍ନାଥ ସଂସ୍କୃତି ସହ ଖେଳୁଛନ୍ତି । କୃଷ୍ଣ ଧର୍ମ ପ୍ରଚ଼ାର ନାଁରେ ମନଇଛା, ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଦେଶରେ ରଥଯାତ୍ରା ପାଳନ କରିଛନ୍ତି । ଆମେରିକାର ହ୍ୟୁଷ୍ଟନ ସହରରେ ଆର୍ଟ କାର ପରେଡ୍ ନାଁରେ ମହାପ୍ରଭୁଙ୍କୁ ଟ୍ରକରେ ବସାଇ ବୁଲାଇଛନ୍ତି । ଯାହାକୁ ନେଇ ଓଡିଶାରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ପ୍ରସ୍ତୁତି ଚ଼ାଲିଛି । ପରମ୍ପରା ଅନୁସାରେ ରଥ ନିର୍ମାଣ କାମ ହେଉଛି । ଶ୍ରୀଗୁଣ୍ଡିଚ଼ାରେ ଗଡିବ ରଥ । କିନ୍ତୁ ଆମେରିକା ହ୍ୟୁଷ୍ଟନ ସହରରୁ ଆସିଛି ବିଚ଼ଳିତ କଲାଭଳି ଦୃଶ୍ୟ । 'ଆର୍ଟ କାର ପରେଡ ନାଁ'ରେ ଅଦିନରେ କରାଯାଇଛି ଏମିତି ରଥଯାତ୍ରା । ମହାପ୍ରଭୁଙ୍କୁ ମିନି ଟ୍ରକରେ ବସାଇ ସହରରେ ବୁଲାଯାଇଛି । ଟ୍ରକ୍ ସହ ଯୋଡା ଯାଇଛି ଏକ ସାଉଣ୍ଡ ଗାଡି । ଶେଷରେ ଏକ ଛୋଟ ରଥରେ ତିନି ଠାକୁର ବସିଛନ୍ତି । ଯାହାକୁ ଏକ ଟ୍ରକ୍ ଟାଣି ଟାଣି ନେଉଥିବା ଦେଖାଯାଉଛି । ଗତ ୧୧ତାରିଖରେ ଏହି ରଥଯାତ୍ରା ଆୟୋଜନ କରାଯାଇଥିବା କୁହାଯାଉଛି । ମହାପ୍ରଭୁଙ୍କୁ ଏମିତି ଅସମ୍ମାନକୁ ନିନ୍ଦା କରିଛନ୍ତି ଶ୍ରଦ୍ଧାଳୁ ଓ ସେବାୟତ । କିଛି ଦିନ ପୂର୍ବରୁ ଆମେରିକାର ଟେକ୍ସାସ ଓ ଅଷ୍ଟ୍ରେଲିଆର ବ୍ରିସ୍‌ବେନରେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା କରାଯାଇଥିଲା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଗିଦ ପରେ ବି ଇସ୍କନ କର୍ତ୍ତୃପକ୍ଷ ଭ୍ରୁକ୍ଷେପ କରିନଥିଲେ ।

## ୨୮ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

### ପ୍ରସ୍ତୁତି ବୈଠକ ଜୋରଦାର, ଯୋଡ଼ା ବ୍ଲକ ଉଚ୍ଚବାଲି ଠାରେ ସଭା

ଯୋଡ଼ା: ଆସନ୍ତା ଏପ୍ରିଲ ୨୮ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ଯୋଡ଼ା ବ୍ଲକ ଉଚ୍ଚ଼ବାଲି ଗସ୍ତ କୁ ନେଇ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ବିଜେପି ଦଳ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚ଼ାଲିଛି ।ଏହା ସହ ଦଳର କର୍ମୀ ମାନଙ୍କୁ ସକ୍ରିୟ କରିବା ପାଇଁ ଏକ ପ୍ରସ୍ତୁତିମୂଳକ ବୈଠକ ଯାହା ଦଳୀୟ କର୍ମୀ ମାନଙ୍କୁ ଏକତ୍ର ରଖି ମଜଭୁତ କରିବ।



ପ୍ରକାଶ ଥାଉ କି ଆସନ୍ତା ଏପ୍ରିଲ ୨୮କୁ ୬୦ ଏକର ପରିମିତ ଜମିରେ ଏକ ଗ୍ରୀଡ୍ ଷ୍ଟେସନ ଭିତ୍ତିଭୂମି ର ସ୍ଥାପନା କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳୀରେ ମଞ୍ଚ ନିର୍ମାଣ କାମ ଜୋରଦାର ଚ଼ାଲିବା ସହ ଏଥିପାଇଁ ଦଳୀୟ କାର୍ଯ୍ୟକର୍ତ୍ତା ଓ ଦଳର ତୃଣମୂଳ ସ୍ତରୀୟ କର୍ମୀମାନେ ସଭାକୁ କିପରି ବହୁ ଉନ୍ନତ ମାନର କରିହେବ ସମସ୍ତେ ଲଗିପଡ଼ିଥିବା ର ଦେଖିବାକୁ ମିଳିଛି। ହଜାର ହଜାର ଲୋକଙ୍କ ବସିବା ପାଇଁ ବ୍ୟବସ୍ଥା ମଧ କରାଯାଉଛି। ପାନୀୟଜଳ, ଶୌଚ଼ାଳୟ, ଚ଼ିକିତ୍ସା ସୁବିଧା ଓ ଜରୁରୀକାଳୀନ ସେବା ପାଇଁ ଅଲଗା ଟିମ୍ ନିଯୁକ୍ତ ହୋଇଛନ୍ତି।

ଏହା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ହୋଇଥିବା ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କୁ ସଫଳ କରିବା ପାଇଁ ବିଭିନ୍ନ ଦିଗରେ ଆଲୋଚ଼ନା ହୋଇଛି। ସଭାରେ ବହୁ ବିଜେପି ନେତା ମାନେ ଯୋଗଦେଇଥିବା ସହ ଉଚ୍ଚ଼ବାଲି,ଜଜାଙ୍ଗ,ଜଗରନାଥ ପୁର,ନୋମ୍ପିରା ଏବଂ ଜମୁନାପୋଷି ଅଞ୍ଚଳର ର ନେତାମାନେ କର୍ମୀମାନଙ୍କୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରିଥିଲେ। ସଭାର ଶୃଙ୍ଖଳା ରକ୍ଷା, ଅତିଥିମାନଙ୍କ ଆଗମନ ଓ ବ୍ୟବସ୍ଥାପନା ନେଇ କର୍ମୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି ।ସଭାସ୍ଥଳୀ ଓ ତାହାର ପରିସରରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପାଇଁ ବିଶେଷ ଧ୍ୟାନ ଦିଆଯାଉଛି।

## ଗଣତନ୍ତ୍ରରେ ହିଂସାକ ପ୍ରଧାନମନ୍ତ୍ରୀଙ୍କ ନିନ୍ଦା

ନୂଆଦିଲ୍ଲୀ, ୨୬।୦୪: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ହ୍ୱାଇଟ୍ ହାଉସ୍ ରାତ୍ରୀଭୋଜନରେ ଗୁଳିକାଣ୍ଡ ଘଟଣାରେ ଭାରତର ପ୍ରଥମ ପ୍ରତିକ୍ରିୟା ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ 'ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହି ଘଟଣାର ସ୍ପଷ୍ଟ ନିନ୍ଦା କରାଯିବା ଉଚ଼ିତ।' ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟରରେ ପୋଷ୍ଟ କରିଛନ୍ତି, 'ୱାଶିଂଟନ୍ ଡିସିର ଏକ ହୋଟେଲରେ ସମ୍ପ୍ରତି ଘଟିଥିବା ସୁରକ୍ଷା ଘଟଣା ପରେ ରାଷ୍ଟ୍ରପତି ଟ୍ରମ୍ପ, ଆମେରିକାର ପ୍ରଥମ ମହିଳା ମେଲାନିଆ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସ ସୁରକ୍ଷିତ ଏବଂ ସୁସ୍ଥ ଅଛନ୍ତି ଏହା ଜାଣିବା ଅତ୍ୟନ୍ତ ଆଶ୍ୱସ୍ତିକର ଅଟେ। ମୁଁ ସେମାନଙ୍କର ନିରନ୍ତର ସୁରକ୍ଷା ଏବଂ ମଙ୍ଗଳ କାମନା କରୁଛି। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ ଏହାକୁ ସ୍ପଷ୍ଟ ନିନ୍ଦା କରାଯିବା ଉଚ଼ିତ।'

ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନ୍ ରାତ୍ରୀଭୋଜନରେ ଗୁଳିକାଣ୍ଡ ଘଟଣାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିକ୍ରିୟା ଦେଇଛନ୍ତି। ଶନିବାର ରାତ୍ରୀଭୋଜନରେ ଗୁଳିଚ଼ାଳନା ସମୟରେ ଆମେରିକାର ରାଷ୍ଟ୍ରପତି ଏବଂ ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ମଞ୍ଚ ଉପରେ ଥିଲେ। ଗୁଳିଚ଼ାଳନା ଶବ୍ଦରେ ଆତଙ୍କ ସୃଷ୍ଟି ହୋଇଥିଲା ଏବଂ ଲୋକମାନେ ଦୌଡ଼ିବାକୁ ଲାଗିଥିଲେ।

## ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଆମ ଲକ୍ଷ୍ୟ - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୨୬।୦୪: : ବିଶ୍ୱ ପ୍ରାଣିଚ଼ିକିତ୍ସା ଦିବସ ଅବସରରେ ଆଜି ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀ ପ୍ରାଣିସମ୍ପଦ, ପ୍ରାଣିସ୍ୱାସ୍ଥ୍ୟ ଓ ମତ୍ସ୍ୟପାଳନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।

ଏହି ଅବସରରେ ପ୍ରାଣିସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବା ପାଇଁ ଆଜି ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ ଟି ପ୍ରାଣିଚ଼ିକିତ୍ସାଳୟ ଓ ୪ ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ଏହାସହିତ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣିଚ଼ିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲ୍ୟାବ ନିର୍ମାଣ ପାଇଁ ୬ଟି ଚୁକ୍ତି ସହ ଗଚ୍ଛିତ ମଧ୍ୟ ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ପତ୍ରରେ କଟକର ଫୁଲନଖରାରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଏକ ରାଜ୍ୟସ୍ତରୀୟ ମଲିକ୍ୟୁଲାର ଲ୍ୟାବୋରେଟୋରୀ ସ୍ଥାପନ ହେବ। ସେହିପରି ପଶୁ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ଖାଦ୍ୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ଏହି ଅବସରରେ ଓପୋଲଫେଡ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ ଅଣ୍ଡା ଓ ଦେଶୀ 'ଅସିଲ୍' (ଇଶ୍ୱରରକ୍ଷ) ଚ଼ିକେନର ବିପଣନ କେନ୍ଦ୍ରର ଶୁଭାରମ୍ଭ କରିଥିବାବେଳେ ଏହା କୁକୁଡ଼ାପାଳକମାନଙ୍କୁ ଉଚ଼ିତ ମୂଲ୍ୟ ଦେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ଆଜି ୫୦ କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆ ଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଉଦଘାଟିତ ହୋଇଛି।

କାର୍ଯ୍ୟକ୍ରମମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାଣିଚ଼ିକିତ୍ସକମାନେ କଥା କହିପାରୁନଥିବା ପ୍ରାଣୀମାନଙ୍କର ଚ଼ିକିତ୍ସା କରନ୍ତି। ପ୍ରକୃତରେ ସେମାନେ ମହାନ। ଜୀବଜନ୍ତୁମାନଙ୍କ ପାଇଁ ସାକ୍ଷାତ ଭଗବାନ ହେଲେ ଆମ ଠରସ୍ପରକ୍ସସଭବକ୍ସଚ ଉକ୍ଟମସ୍ପକ୍ଟକ୍ସ ମାନେ। ଓଡ଼ିଶାରେ କୃଷକଙ୍କ ଆୟ ବୃଦ୍ଧି ପାଇଁ କେବଳ ପାରମ୍ପରିକ ଚ଼ାଷ ପର୍ଯ୍ୟାପ୍ତ ନୁହେଁ। ମାଛଚ଼ାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇ ନେବା ଆବଶ୍ୟକ। ଆମର ଲକ୍ଷ୍ୟ କେବଳ ଚ଼ାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବହୁଗୁଣିତ କରିବା ବୋଲି ସେ ଉଲ୍ଲେଖ କରିଥିଲେ।



ରାଜ୍ୟରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରାଯାଇଛି। ୧,୪୨୩ କୋଟି ଟଙ୍କା ବ୍ୟୟରେ ଚ଼ାଲୁଥିବା ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚବର୍ଷରେ ୧୫ ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ। ଉଚ୍ଚ଼ ଦୁଗ୍ଧ ଉତ୍ପାଦନକାରୀ ଗାଇ ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଦିଆଯାଉଛି ।ସେହିପରି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି ।କୁକୁଡ଼ାପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ ବୋଲି ସେ କହିଥିଲେ।

ଚ଼ଳିତ ବର୍ଷର ପ୍ରସଙ୍ଗ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣିଚ଼ିକିତ୍ସକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥନୀତିରେ ପ୍ରାଣିସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି। ସେ କହିଥିଲେ ଯେ, ପ୍ରାଣୀ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସମନ୍ୱୟ କରି ଙଭର ଐରବକ୍ଷସ୍ପଷ ଆଭିମୁଖ୍ୟକୁ ଆହୁରି ସୁଦୃଢ କରିବା ଆବଶ୍ୟକ। ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ। ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି।

ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାହାନ୍ତାରେ ପହଞ୍ଚାଇବା ପାଇଁ ଆମ ସରକାର ୨୦୦୦ ପ୍ରଶିକ୍ଷିତ 'ଇ-ଐରଖଚ' (ଗୋଷ୍ଠୀ ପ୍ରାଣିସ୍ୱାସ୍ଥ୍ୟ କର୍ମୀ) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କର୍ମୀମାନେ ଗ୍ରାମାଞ୍ଚଳରେ ଟୀକାକରଣ କ୍ଷେତ୍ରରେ ଚ଼ାଷୀମାନଙ୍କୁ ସହାୟତା କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଫଳ ପ୍ରାଣିଚ଼ିକିତ୍ସକ, ପ୍ରାଣିପାଳକ ଓ ଚ଼ାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ସେମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ ଓ ଓଡ଼ିଶାକୁ ବିକଶିତ ରାଜ୍ୟ ଗଠନରେ ସମୂହିକ ଭାଗିଦାରି ପାଇଁ ଆହ୍ୱାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣିଚ଼ିକିତ୍ସକଙ୍କର ପ୍ରମୁଖ ଭୂମିକା ରହିଛି । ପ୍ରାଣୀଙ୍କଠାରୁ ବ୍ୟାପୁଥିବା ରୋଗକୁ ପ୍ରତିହତ କରିବା ସହ ସମାଜର ପ୍ରଥମ ପ୍ରତିରକ୍ଷା ବଳୟଭାବେ ପ୍ରାଣିଚ଼ିକିତ୍ସକମାନେ ସେବା ପ୍ରଦାନ କରିଥାନ୍ତି ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚ଼ିବ ପ୍ରେମ ଚ଼ାନ୍ଦ ଚୌଧାରୀ ଏବଂ ପ୍ରାଣିପାଳନ ଓ ପ୍ରାଣିଚ଼ିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

## ୨୮ରୁ ବଦଳିବ ପାଗ

ଭୁବନେଶ୍ୱର : ଲଗାତାର ଦୁଇ ସପ୍ତାହ ଅସହ୍ୟ ତାତି ପରେ ୨୮ରୁ ବଦଳିବ ପାଗ । ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ଉତ୍ତପ୍ତ ବାୟୁ ବାୟୁମଣ୍ଡଳରେ ପ୍ରବେଶ କରି ପ୍ରତିକ୍ରିୟାଶୀଳ ହୋଇ, ବିପଦଜନକ କାଳବୈଶାଖୀ ପ୍ରକ୍ରିୟା ସୃଷ୍ଟି ହେବାର ସମ୍ଭାବନା ଅଛି । ଏହାର ପ୍ରଭାବରେ ରାଜ୍ୟରେ ଆଗାମି ୫ଦିନ ଯାଏ ରାଜ୍ୟରେ ଲାଗି ରହିବ କାଳବୈଶାଖୀ ବର୍ଷା ।

ଏପ୍ରିଲ ୨୮ରୁ ବିଭିନ୍ନ ସ୍ଥାନରେ ବଡ ବର୍ଷା ହେବାର ଆଶଙ୍କା ରହିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଏପ୍ରିଲ ୨୮ରୁ ମେ' ୨ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ନେଇ ୧୧ ଜିଲ୍ଲାକୁ ହଳଦିଆ ଚେତାବନୀ ଦେଇଛି ପାଣିପାଗ କେନ୍ଦ୍ର । ଏହାସହ କୋରାପୁଟ, ରାୟଗଡା, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସାଙ୍ଗକୁ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନାକୁ ନେଇ ଆଲର୍ଟ ଜାରି ହୋଇଛି । ବର୍ଷା ସମୟରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଘଣ୍ଟାପ୍ରତି ୪୫ରୁ ୫୫ ଏବଂ ସର୍ବାଧିକ ୬୬ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେଥିପାଇଁ ୨୪ ଘଣ୍ଟା ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି । ରାଜ୍ୟର ଉତ୍ତପ୍ତ ସହର ପାଲଟିଛି ଝାରସୁଗୁଡା । ହୀରାକୁଦ, ରାଉରକେଲା, ସମ୍ବଲପୁରର ତାପମାତ୍ରା ୪୨ଡିଗ୍ରୀ ଉପରେ ରହିଛି। ପଶ୍ଚିମ ଓଡିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରି ଟପିବା ଯୋଗୁଁ ଅସହ୍ୟ ଗରମ ହେଉଛି। ଦିନ ରାତି ଝାଞ୍ଜି ପବନ ଟାଇଁ ଟାଇଁ ଫୋଡି ହୋଇଯାଉଛି। ଉପକୂଳରେ ଯଦିଓ ତାତି ଟିକେ କମିଛି, କଲବଲ କରୁଛି ପ୍ରବଳ ଗୁଳୁଗୁଳି।

## ବଲାଙ୍ଗିର ଜିଲ୍ଲାପାଇଁ ୫୮୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୨୬।୪(ନି.ପ୍ର.): ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଆଜି କେବଳ ଯୋଜନା କାର୍ଯ୍ୟକାରୀ କରିବା ଭିତରେ ନିଜକୁ ସୀମିତ ରଖିନାହାନ୍ତି, ବରଂ ସାମାଜିକ, ଅର୍ଥନୈତିକ, ମୌଳିକ ସେବା ଭିତ୍ତିଭୂମି, ମାନବ କଲ୍ୟାଣ ତଥା ପ୍ରାକୃତିକ ସମ୍ବଳ ପରିଚ଼ାଳନା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ଼ରଣ ମାଝୀ ବଲାଙ୍ଗୀରଠାରେ ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ' ପାଳନ ଅବସରରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ପଞ୍ଚାୟତିରାଜ ଦିବସ କେବଳ ଏକ ସମାବେଶ ନୁହେଁ, ଏହା ଗ୍ରାମାଞ୍ଚଳ ସ୍ୱ-ଶାସନ ଓ ଲୋକତନ୍ତ୍ରର ମୌଳିକ ଶକ୍ତିକୁ ଜାଗରଣ କରିବାର ଦିବସ ।

୭୩ତମ ସମ୍ବିଧାନ ସଂଶୋଧନର ତିନି ଦଶକ ପରେ ପଞ୍ଚାୟତରାଜ ବ୍ୟବସ୍ଥା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି । ଲୋକଙ୍କ ସକ୍ରିୟ ଭାଗିଦାରୀ ଓ ଅଭିନବ ଚ଼ିନ୍ତାଧାରାହିଁ ଏହି ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିପାରିବ ବୋଲି ସେ କହିଥିଲେ । ସେ ପୁଣି କହୁଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜିଙ୍କ ବଳିଷ୍ଠ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ । ଗ୍ରାମାଞ୍ଚଳରେ ଜଳ, ଜମି, ଜଙ୍ଗଲର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ମହିଳା ସଶକ୍ତିକରଣ ପାଇଁ ଆମ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।




ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୦ କୋଟି ଟଙ୍କା ମୂଲ୍ୟର ୩୦୪ ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ୩୨୯ କୋଟି ଟଙ୍କା ର ୨୬୮ ଟି ପ୍ରକଳ୍ପ ର ଲୋକାର୍ପଣ ଓ ୨୫୨ କୋଟି ଟଙ୍କା ର ୩୬ ଟି ପ୍ରକଳ୍ପ ର ଶିଳାନ୍ୟାସ କରଯାଇଛି ।ଏଥିରେ ଭୀମଭୋଇ ମେଡିକାଲ କଲେଜରେ ଏକ ନୂତନ ନର୍ସିଂ କଲେଜ ପାଇ ମଧ ଶିଳାନ୍ୟାସ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀରରେ ଚ଼ିନି କଳ ଓ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇବାକୁ ଯାଉଥିବା ଘୋଷଣା କରିଥିଲେ । ଏଥି ସହିତ ଅନ୍ତୋଦୟ ଗୃହ ଯୋଜନାରେ ୫୦,୦୦୦ ରୁ ଅଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ପ୍ରଥମ କିସ୍ତି ରାଶି ପ୍ରଦାନର ଶୁଭାରମ୍ଭ କରିଥିଲେ ।

ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ୍ ଓ ଋ-ପଞ୍ଚାୟତ ସଭା ପୋର୍ଟାଲ କୁ ମଧ ଉନ୍‌ମୋଚ଼ନ କରିଥିଲେ । ଜାତୀୟ ପଞ୍ଚାୟତ ପୁରସ୍କାର ମାଧମରେ ପଞ୍ଚାୟତ ମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି ହୋଇଥିବା ସହ ଓଡିଶାର ଅନେକ ପଞ୍ଚାୟତ ଜାତୀୟ ସ୍ତରରେ ପ୍ରଶଂସା ଲାଭ କରିଛି ବୋଲି ସେ କହିଥିଲେ ।ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ଗରିବ ଓ ବଞ୍ଚିତ ପରିବାରମାନଙ୍କୁ ପକ୍କା ଘର ଯୋଗାଇ ଦିଆଯାଉଛି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ବାସଗୃହ ଓଡ଼ିଶାକୁ ମିଳିବାକୁ ଯାଉଛି । ଏହା ମାଧ୍ୟମରେ ସମସ୍ତେ ଘର ପାଇବେ ବୋଲି ସେ କହିଥିଲେ । ସେହିପରି ଜଳଜୀବନ ମିଶନ ଅଧୀନରେ ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ବୃହତ୍ ଯୋଜନା ଗ୍ରହଣ କରାଯାଇଛି ।ସେ ପୁଣି କହିଥିଲେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ସଂକଳ୍ପକୁ ପୁରା କରିବା ପାଇ ଗରିବ, ମହିଳା, ଯୁବ ବର୍ଗ ଓ ଅନ୍ନଦାତା ଙ୍କୁ ସଶକ୍ତ କରିବାପାଇଁ ଆମେ ବ୍ୟାପକ ଯୋଜନା ଆରମ୍ଭ କରିଛୁ । ସମୃଦ୍ଧ ପଞ୍ଚାୟତ, ସମୃଦ୍ଧ ସହର ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ମିଶି ଟିମ୍ ଓଡ଼ିଶା ଭାବେ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ପଞ୍ଚାୟତ ପ୍ରତିନିଧି ମନକୁ ଉତ୍ସାହିତ କରି ମୁଖ୍ୟମନ୍ତ୍ରୀ ନିଜ ସରପଞ୍ଚ ସମୟର ଅଭିଜ୍ଞତା ଓ ଅନୁଭୂତିକୁ ବର୍ଣ୍ଣନା କରି କହିଥିଲେ ଯେ ଆଜି ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଗରିବ,ମହିଳା, ଯୁବ - ଚ଼ାଷୀ ସମସ୍ତଙ୍କ ବିକାଶ ପାଇଁ କାମ କରିବାର ସମୟ ଆସିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ MGNREGS ଏବଂ ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଜିଲ୍ଲା, ବ୍ଲକ୍, ଓ ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରିଥିଲେ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ, କହିଥିଲେ ଯେ ବିକଶିତ ଓଡ଼ିଶା ପାଇ ମଜଭୁତ୍ ଗ୍ରାମ ସୃଷ୍ଟି କରିବା ଆମ ସରକାରଙ୍କର ମୂଳ ଲକ୍ଷ୍ୟ। ସେଥିପାଇଁ ପଞ୍ଚାୟତିରାଜ୍ ଅନୁଷ୍ଠାନ ଗୁଡ଼ିକ ଅଧିକ ସୁଦୃଢ଼ ହେବାକୁ ପଡ଼ିବ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ଗ୍ରାମୀଣ ସଶକ୍ତିକରଣ ଓ ଲୋକ କୈନ୍ଦ୍ରିକ ଶାସନକୁ ବିକଶିତ ଓଡ଼ିଶାର ପ୍ରମୁଖ ସ୍ତମ୍ଭ ଭାବେ ଚ଼ିହ୍ନଟ କରାଯାଇଛି । ୨୦୨୬-୨୭ ବଜେଟରେ ଗ୍ରାମୀଣ ବିକାଶ ପାଇଁ ୪୪,୩୦୯ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି । ଏଥିରୁ ଆମ ସରକାରଙ୍କର ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ପ୍ରକାଶ ପାଉଛି ।

### ଡାହୁକ



କଳା ଟଙ୍କା ଧଳା ହୋଇ ନଫେରିଲା
ବିଦେଶରେ ଅଛି ପଡି
ନକହିବା ଭଲ ବେକାରୀ ସମସ୍ୟା
ଯେମିତି ଚାଲିଚି ବଢ଼ି
କଥାରେ କଥାରେ ଟ୍ରମ୍ପ ଧମକ
ରଖିଚି ଗୁମର ପେଡି
ପେଡି ଖୋଲିଯିବା ଭୟେ ମୂର୍ଖ ରାଜା
ହାମୁଡାଏ ହାତ ଯୋଡି

# କେଭିଏସ୍ ଆଞ୍ଚଳିକ ତାଇକ୍ୱାଣ୍ଡୋ ପ୍ରତିଯୋଗିତାରେ ଟିଏବିର ୪ ସ୍ୱର୍ଣ୍ଣ ଓ ୩ କାଂସ୍ୟ ପଦକ ହାସଲ



ବ୍ରହ୍ମପୁର, ୨୫/୪(ମନ୍ଥନ): ଭୁବନେଶ୍ୱର ଠାରେ ଅନୁଷ୍ଠିତ କେଭିଏସ୍ ଆଞ୍ଚଳିକ ତାଇକ୍ୱାଣ୍ଡୋ ପ୍ରତିଯୋଗିତାରେ ତାଇକ୍ୱାଣ୍ଡୋ ଆସୋସିଏସନ ଅଫ ବ୍ରହ୍ମପୁର, ଗଞ୍ଜାମର ଛାତ୍ରଛାତ୍ରୀ ମାନେ ଚମତ୍କାର ସଫଳତା ଅର୍ଜନ କରିଛନ୍ତି। ଗତ ୨୧ ରୁ ୨୩ ଏପ୍ରିଲ ପର୍ଯ୍ୟନ୍ତ କେଭି ନମ୍ବର ୫ ରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାର ଖେଳାଳି ମାନେ ଯୋଗଦାନ କରି ଅଂଶ ଗ୍ରହଣ କରିଥିବା ବେଳେ, ଗଞ୍ଜାମ ଜିଲ୍ଲାର ମଧ୍ୟ ମୋଟ ୭ ଜଣ ଖେଳାଳି ଅଂଶଗ୍ରହଣ କରି ଅଦ୍ଭୁତ କୌଶଳ ପ୍ରଦର୍ଶନ କରିଥିଲେ । ଉକ୍ତ ଅଂଶଗ୍ରହୀ ମାନଙ୍କ ମଧ୍ୟରୁ ୪ ଜଣ ଯଥା ଶ୍ୟାମ ସୁନ୍ଦର ପାତ୍ର, ଆଇଶା ସେଠୀ, ମହେସନା ସେଖ୍ ଓ ପ୍ରତ୍ୟୁଷ ପାତ୍ର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ, ୩ ଜଣ ଅର୍ଥାତ୍ ନିତେଶ କୁମାର ଚୌଧୁରୀ, ଅନିଶ କୁମାର ଭୁୟାନ ଓ ବୈଭବ ଗୌଡ଼ ପ୍ରମୁଖ କାଂସ୍ୟ ପଦକ ହାସଲ କରିଛନ୍ତି । ତେବେ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ମାନେ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ଚୟନିତ ହୋଇଛନ୍ତି ବୋଲି ସଂଘର ସଚିବ ତଥା ମୁଖ୍ୟ ପ୍ରଶିକ୍ଷକ ଇଂ. ସତ୍ୟ ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ସଫଳତା ହାସଲ ହୋଇଥିବା ନେଇ ଅଭିଭାବକ ଓ ଶିକ୍ଷକ ମାନେ ଆନନ୍ଦ ପ୍ରକାଶ କରି ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇ ଥିବାବେଳେ, ଏହି ସଫଳତାର ଶ୍ରେୟକୁ ଛାତ୍ରଛାତ୍ରୀ ମାନେ ନିଜ ନିଜ ମାତା ପିତା ଓ ପ୍ରଶିକ୍ଷକଙ୍କୁ ପ୍ରଦାନ କରିଥିଲେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୁଚିଣ୍ଡା, ୨୫।୦୪(ନି.ପ୍ର.)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ରେ ବିଶୃଙ୍ଖଳା ସୃଷ୍ଟିକାରୀ ଙ୍କ ବିରୋଧରେ କିସାନ(କୁଣବିହା) ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହିତ, କୁଚିଣ୍ଡା ସହରରେ ଏକ ବିରାଟ ଶୋଭାଯାତ୍ରାରେ ଉପଜିଲ୍ଲାପାଳ ଙ୍କ ଜରିଆରେ ଓଡ଼ିଶା ମହାମହିମ ରାଜ୍ୟପାଳ ଙ୍କ ପାଖକୁ ଏକ ଲିଖିତ ଦରଖାସ୍ତ ସମାଜ ପକ୍ଷରୁ ପ୍ରଦାନ କରିଛନ୍ତି। ଉକ୍ତ ଦରଖାସ୍ତ ଅନୁଯାୟୀ ସୁନ୍ଦରଗଡ ଜିଲ୍ଲାର ସମାଜ ର ଜଣେ ବ୍ୟକ୍ତି ୨୦୦୧ ରୁ ନିଜକୁ ଆତ୍ମଘୋଷିତ ରାଜ୍ୟ ସଭାପତି ବୋଲାଉଥିବା ଏବଂ କିସାନ ସମାଜ ର ଅସାମ୍ବିଧାନିକ ୨୦୧୨ ନିୟମାବଳୀ ପ୍ରଣୟନ କରି ସେହି ବହି ମାଧ୍ୟମରେ ତାଙ୍କ ସମାଜ ର ଜନସାଧାରଣଙ୍କୁ ବିଭିନ୍ନ ପ୍ରଣାଳୀ ଅବଲମ୍ବନ କରି ହଇରାଣ ହରକତ କରିଆସୁଥିବା ଉଲ୍ଲେଖ କରିଥିଲେ। ଏହା ସହିତ ବିଭିନ୍ନ ଅପରାଧିକ ସମାଜ ବିରୋଧୀ କାର୍ଯ୍ୟକ୍ରମ ପାଇଁ ତାଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସରକାର କିମ୍ବା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ମଧ୍ୟ ଦରଖାସ୍ତ ରେ ଉଲ୍ଲେଖ କରିଥିଲେ। ବରଗଡ଼ ବଲାଙ୍ଗୀର ଅଞ୍ଚଳରେ କିସାନ ସମ୍ପ୍ରଦାୟର ଲୋକମାନେ ମିଶ୍ରାସ ସରକାରୀ ଉଚ୍ଚାରଣ ଭାବେ ରହୁଥିବା ସେମାନେ ପ୍ରକୃତରେ କିସାନ ସମ୍ପ୍ରଦାୟ ତଥା ଆଦିବାସୀ ହୋଇଥିବା ବେଳେ, ଆଜିଯାଏ ତାଙ୍କୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିନଥିବା ଯୋଗୁଁ ସରକାର ଙ୍କ ପକ୍ଷରୁ ଜାତି ଗତ ପ୍ରମାଣ ପତ୍ର ପାଇବାରୁ ବଞ୍ଚିତ ହେବା ସହିତ ଉଚ୍ଚଶିକ୍ଷା ରୁ ବଞ୍ଚିତ ହେଉଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

## କ୍ୟାନଫେଷ୍ଟ-୨୦୨୬ର ୫ମ ସନ୍ଧ୍ୟା

# ମଞ୍ଚସ୍ଥ ଓଡ଼ିଆ ନାଟକ ପୂର୍ଣ୍ଣ ପୁରୁଷ



ପାରାଦୀପ - ପାରାଦୀପରେ କ୍ୟାନମାସ୍ ଦ୍ୱାରା ପରିଚାଳିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ର ୫ମ ସନ୍ଧ୍ୟାରେ, ଭୁବନେଶ୍ୱରର ମୁକ୍ତି ଅନୁଷ୍ଠାନ ସୂର୍ଯ୍ୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ ପୂର୍ଣ୍ଣ ପୁରୁଷ ମଞ୍ଚସ୍ଥ କରାଯାଇଥିଲା। ପୂର୍ଣ୍ଣ ପୁରୁଷ, ପୁରୁଷ ଏବଂ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଥିବା ସମ୍ପର୍କର ନିଛକ ଅଭିନୟ ଦର୍ଶକ ମାନଙ୍କ ମନକୁ ବେଶ ଛୁଇଁ ଥିଲା କ୍ଷ ଏହି ନାଟକ ଶାରୀରିକ ଆବଶ୍ୟକତା ମହତ୍ୱାକାଂକ୍ଷାରେ ପରିଣତ ହେଲେ ଫଳାଫଳକୁ ଚିତ୍ରଣ କରିଥାଏ । କଳା ଆପଣଙ୍କର ଅବିଭକ୍ତ ଧ୍ୟାନ, ଆପଣଙ୍କ ସମର୍ପଣ ଦାବି କରେ । ଯିଏ ଏହା କରେ ତାକୁ କ୍ଷୁଦ୍ର ଆବଶ୍ୟକତା ଏବଂ ଲୋଭରୁ ଉପରକୁ ଉଠିବାକୁ ପଡ଼ିଥାଏ, କିନ୍ତୁ ତା'ପରେ ଜୀବନ ଆଉ ସରଳ ରୁହେ ନାହିଁ, ତାକୁ ସାଂସାରିକ ମୂଷା-ଦୌଡ଼ରେ ଅଂଶଗ୍ରହଣ କରିବାକୁ ପଡ଼ିଥାଏ । ନାଟକର ନାୟକ, ସମଗ୍ର, ଦୈନନ୍ଦିନ ଜୀବନ ସହିତ ସଂଘର୍ଷ କରୁଛନ୍ତି । ପ୍ରତ୍ୟେକ ମହିଳା ଜଣେ ପୂର୍ଣ୍ଣ ପୁରୁଷ ଖୋଜନ୍ତି । ନାଟକର ନାୟିକା ଶାଶ୍ୱତୀ ମଧ୍ୟ ଏପରି ପୁରୁଷ ଚାହାଁନ୍ତି କିନ୍ତୁ ଏହା ଘଟେ ନାହିଁ । ସେ ଜୀବନର ବର୍ତ୍ତମାନ ପର୍ଯ୍ୟାୟରେ ଆଶାବାଦୀ କିନ୍ତୁ ଶେଷରେ ଅନୁଭବ କରନ୍ତି ଯେ କେହି ସମ୍ପୂର୍ଣ୍ଣ ନୁହଁନ୍ତି । ସିଦ୍ଧତା କେବଳ ଏକ ପ୍ରକ୍ରିୟା, ଏବଂ ବାସ୍ତବରେ ଏହାର କୌଣସି ଅସ୍ତିତ୍ୱ ନାହିଁ । ଉପସ୍ଥାପନା ସମୟରେ ନାଟକଟି ପ୍ରେକ୍ଷାଳୟର ଦର୍ଶକଙ୍କୁ ନୀରବ ରଖିଥିଲା । ଷଷ୍ଠ ସନ୍ଧ୍ୟାରେ ମୁମ୍ବାଇର ପଲି ଥିଏଟର ଗ୍ରୁପ୍ ବିଜୟ ସିଂହ ପରମାରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଗୋଲଡେନ୍ ବଜାର ମଞ୍ଚସ୍ଥ କରିବ।

# କଂଗ୍ରେସ ପକ୍ଷରୁ ହେବାକୁ ଥିବା ପଦଯାତ୍ରା କୁ ପ୍ରଶାସନ ପକ୍ଷରୁ ପ୍ରତ୍ୟାଖ୍ୟାନ

ପାରାଦୀପ - ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ପାରାଦୀପ ନିକଟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ବିଶୃଙ୍ଖଳା ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି । କଂଗ୍ରେସ ପକ୍ଷରୁ ହେବାକୁ ଥିବା ପଦଯାତ୍ରା କୁ ପ୍ରଶାସନ ପକ୍ଷରୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏ ନେଇ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି,ମାନବ ଜୀବନ ହାନି ହେବାର ସମ୍ଭାବନା ରହିଛି। ପ୍ରସ୍ତାବିତ ଅଞ୍ଚଳରେ ସୁରକ୍ଷା ସମସ୍ୟା ସୃଷ୍ଟି ହେବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ପଦଯାତ୍ରା ହେଲେ ଗୁରୁତର ଟ୍ରାଫିକ ଆଶଙ୍କା ରହିଛି ଯାହା ସାଧାରଣ ଲୋକଙ୍କ ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିବ । ପଦଯାତ୍ରା ପାଇଁ ଗୁରୁତର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଏବଂ ସାର୍ବଜନୀନ ଶାନ୍ତି ବିପର୍ଯ୍ୟସ୍ତ ହେବାର ସମ୍ଭାବନା ରହିଥିବାରୁ ଏହାକୁ ଦୃଷ୍ଟି ରେ ରଖି ପ୍ରଶାସନ ପକ୍ଷରୁ ପଦଯାତ୍ରା କୁ ଅନୁମତି ମିଳିଲା ନାହିଁ।

ପ୍ରକାଶ ଥାଉ କି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ପ୍ରକଳ୍ପ ସ୍ଥାନ ନିକଟବର୍ତ୍ତୀ ୩ ଟି ପଞ୍ଚାୟତ ଢିଙ୍କିଆ,ଗଡକୁଜଙ୍ଗ ଓ ନୂଆଗାଁ ଆଦି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳ ରେ ପାନୀୟ ଜଳ ସମସ୍ୟା ଦୂର କରାଯାଇଛି । ଏହି ଉପଲକ୍ଷେ ୩ ଟି ପଞ୍ଚାୟତ ରେ ୭ ଏକର ପୋଖରୀ ପୁନଃ ଉଦ୍ଧାର କରାଯାଇଛି। ୨୩ ଟି ବୋରୱେଲ୍ ଖନନ କରାଯାଇଛି। ବିଦ୍ୟାଳୟ ଗୁଡିକରେ ଜଳ କଷ୍ଟ ଦୂର ପାଇଁ ୮୦ ଲିଟର ର ୮୧ ଟି ବିଶୁଦ୍ଧ ପାନୀୟ ଜଳ ବିଶୋଧକ ଯନ୍ତ୍ର ସ୍ଥାପନ କରାଯାଇଛି। ଜଳ ଉପଲବ୍ଧତା ବୃଦ୍ଧି କରିବା ପାଇଁ ମାହାଳ ଗ୍ରାମରେ ୪୦୦ ମିଟର ବୋରୱେଲ୍ ଖନନ କରାଯାଇଛି। ଅଙ୍ଗନୱାଡ଼ି ପିଲା ଓ କର୍ମୀଙ୍କ ପାଇଁ ପାନୀୟ ଜଳ ଯୋଗାଣ କୁ ସୁଦୃଢ଼ କରିବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକ ରେ ୧୧ ଟି ବୋରୱେଲ ସ୍ଥାପନ କରାଯାଇଛି। ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରହି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମିତ ବିଭିର୍ନ ସଭା ଗୃହ ରେ ୪ ଟି ବୋରୱେଲ୍ ଯଥା ନୂଆଗାଁ ରେ ୨ ଟି, ଗୋବିନ୍ଦପୁର ରେ ଗୋଟିଏ ଓ ପାଟଣା ରେ ଗୋଟିଏ ଅନ୍ତର୍ଭୁକ୍ତ। ସାମୁହିକ ଭିତ୍ତିଭୂମିକୁ ସମର୍ଥନ କରି ଗୋବିନ୍ଦପୁର, ନୂଆଗାଁ, ଢିଙ୍କିଆ ଓ ମାହାଳ ଶ୍ମଶାନ ଭୂମିରେ କ୍ଷୁଦ୍ର ପୋଖରୀ ସହିତ ୪ ଟି ବୋରୱେଲ୍ ର ବିକାଶ କରାଯାଇଛି। ଏହା ସହ କୃଷି ଓ କୃଷକ, ମହିଳା ଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦିଆଯାଉଛି। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଜେଏସଡବ୍ଲ୍ୟୁ ପ୍ରତିଶ୍ରୁତି ବଦ୍ଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

## ଶ୍ରୀ ଶ୍ରୀ ଗ୍ରହରାଜ ଶନିଶ୍ଚର ଦେବଙ୍କ ୪୪ତାମ ବାର୍ଷିକ ଉତ୍ସବ

ପାରାଦୀପ - ପାରାଦୀପ ବସଷ୍ଟାଣ୍ଡ ନିକଟସ୍ଥ ଶ୍ରୀ ଶ୍ରୀ ଗ୍ରହରାଜ ଶନିଶ୍ଚର ଙ୍କ ୪୪ ତାମ ବାର୍ଷିକ ଉତ୍ସବ ସହିତ ଏକଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହୋଇ ଯାଇଛି କ୍ଷ ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗ ଆଲୋକ ମାଳା ରେ ସୁସଜ୍ଜିତ ସାଜସଜ୍ଜା ଶ୍ରଦ୍ଧାଳୁ ମାନଙ୍କ ମନକୁ ବେଶ ଆକର୍ଷିତ କରିଥିଲା । ରୀତିନୀତି ନିୟମ ଅନୁଯାୟୀ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମଣ୍ଡଳ ପୂଜା, ନବଗ୍ରହ ପୂଜା ସହିତ ପ୍ରଭୁଙ୍କର ପୂଜାର୍ଚ୍ଚନା କରାଯାଇ ଥିଲା । ଶ୍ରୀ ଶ୍ରୀ ଗ୍ରହରାଜ ଶନିଶ୍ଚର ସେବା ସମିତି ର କର୍ମକର୍ତ୍ତା ମାନେ କଳସ ଯାତ୍ରା କରି ମଣ୍ଡପକୁ ମାର୍ଜନା କରାଇ କଳା ବସ୍ତ୍ର ପରିଧାନ କରିଥିଲେ । କର୍ତ୍ତା ଭାବେ ପାଗଳ ମହାନ୍ତି କାର୍ଯ୍ୟ ସମ୍ପାଦନ କରିଥିଲା ବେଳେ କାର୍ଯ୍ୟକ୍ରମ କୁ ସୁନୀଲ ନାୟକ, ଅଧିକାରୀ ବାବା, ଗୋପାଳ ଦାସ,ବାପିନା ପାତ୍ର, ବାବୁନି ସାହୁ, ସଞ୍ଜୟ ମୁଦୁଲି, ସୁନୀଲ ନାୟକ , ମାନସ ବେହେରା, ପଣ୍ଡିତ କୁନା ମିଶ୍ର, ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ । ଶେଷରେ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ଆନନ୍ଦ ବଜାର ସେବା ସମିତି ତରଫରୁ ଆୟୋଜନ କରାଯାଇ ଥିଲା। ପାରାଦୀପ ତଥା ଅଞ୍ଚଳ ବାସୀଙ୍କ ଉତ୍ତରୋତ୍ତର କାମନା କରିଥିଲେ ସେବା ସମିତିର ସଭାପତି ପାଗଳ ମହାନ୍ତି । ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ରେ ଦର୍ଶକ ମାନଙ୍କ ଭିଡ଼ ପରିଲକ୍ଷିତ ହେଇଥିଲା ।

# ଶ୍ରୀ ଶ୍ରୀ ନର୍ମଦେଶ୍ୱର୍ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ

ଯୋଡ଼ା କେନ୍ଦୁଝର ଜିଲ୍ଲା ୨୫/୦୪ ଯୋଡ଼ା ରାଧା କୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ନାର୍ମଦେଶ୍ୱର୍ ଶୈବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇ ଯାଇଛି। ଏହି ଉତ୍ସବ ଗତ ବୁଧବାର ଦିନ ଅଧିବାସ ଅଙ୍କୁରାରୋପଣ,ଗୁରୁବାର ଦିନ ବହୁସଂଖ୍ୟକ ମାଆ ମାନଙ୍କ ଦ୍ୱାରା ଜଳଯାତ୍ରା କରାଯାଇଥିଲା।ଶୁକ୍ରବାର ଦିନ ବିଗ୍ରହ ପରିକ୍ରମା ସହ ମନ୍ଦିର ପ୍ରତିଷ୍ଠା ଓ ଶିଖର କଳସ ସ୍ଥାପନା ସହ ଧ୍ୱଜା ସ୍ଥାପନ ଓ ଚଣ୍ଡୀ ଯଜ୍ଞ ହୋଇଥିଲା।ଶନିବାର ପ୍ରାତ ସମୟରେ ସୂର୍ଯ୍ୟ ପୂଜା,ବାବାଙ୍କର ରୁଦ୍ରାଭିଶେକ୍ ,ଷୋଡଶ ଉପଚାର ପୂଜା ଏବଂ ଅପରାହ୍ନ ରେ ପୂର୍ଣ୍ଣାହୁତି ଓ ପ୍ରସଡସେବନ୍ ହୋଇଥିଲା।ଚାରି ଦିନ ଧରି ମନ୍ଦିର ପ୍ରାଙ୍ଗଣରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।ଯାହାଦ୍ୱାରା ଏହି ଉତ୍ସବ ରେ ବହୁ ସଂଖ୍ୟାରେ ଲୋକ ଯୋଗଦେଇଥିଲେ।ମନ୍ଦିର କମିଟିର ସମସ୍ତ ସଦସ୍ୟ ଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା ବିଧି ବଧ ଭାବେ ପୂଜା ଅର୍ଚ୍ଚନା କରି ବହୁ ସୁନ୍ଦର ଭାବେ ପାଳନ କରାଯାଇଥିଲା।



## ଅଦରକାରି ନଡିଆ କାଂଚ୍ଚିରେ ନିର୍ମାଣ ହୋଇଛି ଜଳପାତ୍ର

ବଲାଙ୍ଗିର,ତା.୨୫.୦୪.୨୬- ବଲାଙ୍ଗିର ଜିଲ୍ଲା ଉତ୍ତପ୍ତ ଜିଲ୍ଲା ଭାବେ ଓଡିଶାରେ ବେଶ ପରିଚିତ । ୪୪ ଡିଗ୍ରୀରୁ ଉର୍ଦ୍ଧ୍ୱ ହୋଇଥିବାରୁ ସହରରେ ଗୁଳୁଗୁଳି ସହ ତାତିର ଏବଂ ବିଜୁଳି କାଟ କୁ ନେଇ ବଲାଙ୍ଗିର ସହରରେ ଦିନକୁ ଦିନ ଜଙ୍ଗଲରେ ମହୁଲ ଫୁଲ ରପ୍ତାନିକୁ ପେଟ ପାଟଣା ପାଇଁ କିଛି ଲୋକ ଗଛ ଚାରିପଟେ ନିଆଁ ଲଗାଇ ଦେଇଥିବାରୁ ତାହା ସାରା ଜଙ୍ଗଲକୁ ବ୍ୟାପି ଯାଉଛି । ରାସ୍ତାଘାଟ, ଜିବଜନ୍ତୁ ଏଥିରେ ବାଦ ପଡିନାହିଁ । ଦିର୍ଘ ଦୁଇ ତିନି ଦିନ ହେବ ମଠଖାଇ ଜଙ୍ଗଲରେ ଲାଗିଛି ନିଆଁ । ଗତ ଦୁଇ ଦିନ ତଳେ କଦଳିମୁଣ୍ଡା ପାଶ୍ୱର୍ ମଣ୍ଡା ଜଙ୍ଗଲ ନିଆଁ ଲାଗିଥିବାରୁ ପକ୍ଷୀ ଓ ଜିବଜନ୍ତୁ ପାଣି ପାଇ ଆଉଟୁ ପାଉଟୁ ହେଉଥିବା ଜଣାଯାଇଛି । ଏ ନେଇ ବଲାଙ୍ଗିର ସହରର କିଛି ଯୁବକ ସଚେତନ ଓ ଅଭିନୟ ପ୍ରୟାସ କରିଛନ୍ତି । ଅଦରକାରୀ ନଡିଆ କାଂଚ୍ଚିରୁ ନିର୍ମାଣ କରିଥିଲେ ଜଳପତ୍ର । ବିଜାଖମନ ପାଶ୍ୱର୍ ଜଙ୍ଗଲ ଓ ବଣ୍ଡା ଜଙ୍ଗଲରେ ୧୦୦ ଗୋଟି ମାଟିପାତ୍ର ସମେତ ନଡିଆ କାଂଚ୍ଚିରେ ନିର୍ମାଣ ହୋଇଥିବା ପାତ୍ର ପକ୍ଷୀଙ୍କ ପାଇଁ ଜଳଦାନ କରିଛନ୍ତି । ଆଗକୁ ପାଟଣାଗଡ ଜଙ୍ଗଲ ରାସ୍ତା, ସମ୍ବଲପୁର ରାସ୍ତ ଏବଂ ସୋନପୁର ରାସ୍ତା ର ବିଭିନ୍ନ ଗଛର ଲଗାଇବେ ବୋଲି ସଂକଳ୍ପ ନେଇଛନ୍ତି । ଏହି ଅଭିନବ ପ୍ରୟାସ ଆଗକୁ ସଚେତନ କରିବା ପାଇଁ ବିଭିନ୍ନ ଘରମାନଙ୍କ ଛାତ ରେ ବିଭିନ୍ନ ସାମଗ୍ରୀ ପାତ୍ରରେ ଜଳଦାନ କରିବା ପାଇଁ ନିବେଦନ କରିଛନ୍ତି । କାରଣ ପକ୍ଷୀ ହେଉଛନ୍ତି ଆମ ହିନ୍ଦୁ ଧର୍ମର ପୂଜା ପାଉଛନ୍ତି ଯାହାକି ରାମାୟଣ ଏବଂ ଗରୁଡ ପୁରାଣରେ ପକ୍ଷୀମାନଙ୍କ ସ୍ୱତନ୍ତ୍ରତା ରହିଛି । ପରିବେଶ ପାଇଁ ମଧ୍ୟ ଏମାନଙ୍କର ଅବଦାନ ରହିଛି । ଏହି ଅବସରରେ ଆଜି ପ୍ରଶାନ୍ତ ମହାକୁର ଙ୍କ ନେତୃତ୍ୱରେ ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ସଂଜିବ ସାମଲ ସାମିଲ ଥାଇ ବିଭିନ୍ନ ଗଛମାନଙ୍କରେ ନଡିଆ କାଂଚ୍ଚିର ପାତ୍ର ଏବଂ ମାଟିପାତ୍ର ବାନ୍ଧି ପକ୍ଷୀଙ୍କ ପାଇଁ ଜଳ ପ୍ରଦାନ କରିଥିଲେ ଏବଂ ଅଭିନବ ପ୍ରୟାସ କରିଥିଲେ ।



# ଅସହାୟ କନ୍ୟାଙ୍କୁ ବିବାହ ପାଇଁ ବିଧାୟକଙ୍କ ପକ୍ଷରୁ ଆର୍ଥିକ ସହାୟତା




ଛତ୍ରପୁର, ୨୬।୪; ଦୁଃଖଦ ଖବର ହେଉ କିମ୍ବା ବିବାହ, ବ୍ରତ ତଥା କୌଣସି ମନ୍ଦିର ପ୍ରତିଷ୍ଠା ଭଳି ସବୁକ୍ଷେତ୍ରରେ ସୂଚନା ପାଇଲେ ଲୋକଙ୍କ ଠାରେ ପହଞ୍ଚୁଥିବା ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଆଜି ଜଣେ ଅସହାୟ ଅନାଥ କନ୍ୟାର ବିବାହ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଛତ୍ରପୁର ବ୍ଲକ କାଳିପଲ୍ଲୀ ପଂଚାୟତ ଉପୁଲାପୁଟି ଗ୍ରାମର ସ୍ୱର୍ଗତ ଭାସ୍କର ସେଠୀ ଓ ତାଙ୍କରି ଧର୍ମପତ୍ନୀ ସ୍ୱର୍ଗତ ରଜନୀ ସେଠୀଙ୍କ କନ୍ୟା ରାଜେଶ୍ୱରୀ ସେଠୀଙ୍କ ଆସନ୍ତକାଲି ବିବାହ କାର୍ଯ୍ୟକ୍ରମ ରହିଛି । ଜଣେ ଅନାଥ ଅସହାୟ କନ୍ୟାର ବିବାହର ସୂଚନା ପାଇ ଛତ୍ରପୁର ବିଧାୟକ ଶ୍ରୀ ନାୟକ ଉକ୍ତ ଗାଁକୁ ଗସ୍ତ କରି ରାଜେଶ୍ୱରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ବିଧାୟକଙ୍କ ଏହି ସହାୟତା ପାଇଁ ଉପୁଲାପୁଟି ଗ୍ରାମ ଏବଂ ଅସହାୟ କନ୍ୟା ରାଜେଶ୍ୱରୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଦୁର୍ଘଟଣା ଠୁ ଆରମ୍ଭ କରି କାହାରି ମୃତ୍ୟୁ ଏବଂ ଦୁଃଖଦ ଖବର ପାଇବା ମାତ୍ରେ ସଂଗେ ସଂଗେ ସେଠାରେ ପହଂଚି ବିଧାୟକ ଉକ୍ତ ପରିବାରକୁ ସହାୟତା ଠୁ ଆରମ୍ଭ କରି ଆଶ୍ୱସନା ଦେଇ ଆସୁଥିବା ନେଇ ସବୁବର୍ଗରୁ ଛତ୍ରପୁର ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି । ଆଜି ଅସହାୟ କନ୍ୟାଙ୍କୁ ସହାୟତା ବେଳେ ବିଧାୟକଙ୍କ ସହ ଭାଜପା ଜିଲ୍ଲା ସାଧାରଣ ସଂପାଦକ ପଦ୍ମଚରଣ ସାହୁ, କାଳିପଲ୍ଲୀ ପଂଚାୟତ ସରପଂଚଙ୍କ ସ୍ୱାମୀ ବି.ଚନ୍ଦ୍ରମଣି ପାତ୍ର, ସଞ୍ଜିତ୍ କୁମାର ରାଉଳ ଓ ଯୁବ ନେତା ବନୋଜ ନାହାକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଶାସକ୍ତ ଅବସ୍ଥାରେ ବସ ଡ୍ରାଇଭର ଟ୍ରକକୁ ପିଟିଲା - ଯାତ୍ରୀମାନେ ହନ୍ତସନ୍ତ



ପାରାଦୀପ -ନିଶାଶକ୍ତ ଅବସ୍ଥାରେ ଯାତ୍ରୀ ବୋଝେଇ କରି ଦ୍ରୁତ ଗତିରେ ଯାଉଥିବା ବିଜୟା ବସ କୁ ଗୋଡେଇ ଧରିଲେ ସ୍ଥାନୀୟ ଲୋକ । ଘଟଣା ସ୍ଥଳରେ କିଛି ସମୟ ଉତ୍ତ ?ଜନା ଦେଖାଦେଇଥିଲା। ବସ ଚାଳକ ନିଶା ସେବନ କରିଥବା ରୁ ଏଭଳି ଦ୍ରୁତ ଗତିରେ ଗାଡି ଚଳାଉଥିବାରୁ ହୋଇଛି ଅଭିଯୋଗ । କଟକ ପାରାଦୀପ ରାସ୍ତା ପିପିଏଲ ଛକ ନିକଟରେ ଘଟିଛି ଘଟଣା,ଦ୍ରୁତ ଗତିରେ ବିଜୟା ବସ ପାରାଦୀପ ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଏକ ଟ୍ରକ କୁ ସାଇଡ ରୁ ଘଷି ଦେଇ ଫେରାର ହୋଇଯିବା କୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଯୁବକ ଓ ପଥଚାରୀ ବସକୁ ଗୋଡ଼ାଇ ଗୋଡ଼ାଇ ଅଟକାଇବା ସହିତ ଆଦର୍ଶ ଥାନା ପୋଲିସ କୁ ଖବର ଦେଇଥିଲେ କ୍ଷ ଖବର ପାଇଁ ଆଦର୍ଶ ଥାନା ପୋଲିସ ଘଟଣା ସ୍ଥଳରେ ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ବିଜୟା ବସ କୁ ଥାନାକୁ ଆଣିଥିବା ସୂଚନା ମିଳିଛି।। ଆଜିକାଲି ଯେଉଁଭଳି ଦୁର୍ଘଟଣା ବୃଦ୍ଧି ପାଉଛି ଏହି ଭଳି ସମୟରେ ବସ ରେ ଯାତ୍ରୀ ମାନଙ୍କୁ ଲୋଡ଼ କରି ନିଶା ସେବନ କରି ଯାତ୍ରୀ ଙ୍କ ଜୀବନ ସହିତ ଖେଳ ଖେଳି କଟକ ଅଭିମୁଖେ ଯାତ୍ରା କରୁଥିବା ଏହି ବସ ର ଡ୍ରାଇଭର ଉପରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସାଧାରଣ ଜନତା ।

## ନାଇକେନସିରା ରେ ପିଇବା ପାଣି ଘୋର ଅଭା

# ନରସିଂହଙ୍କୁ ପାଣି ପାଇଁ ଗୁହାରୀ କଲେ ଲୋକେ



ବଲାଙ୍ଗୀର / ଦେଓଗାଁ, ୨୬।୪(ନି.ପ୍ର.): ଆଜି ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ ସ୍ଥିତ ହାତୀସରା ପଂଚାୟତ ର ନାଇକେନସିରା ଗାଁ ଗସ୍ତ ରେ ଯାଇ ସେଠାରେ କିଛି ଧାର୍ମିକ ସହ ସାମାଜିକ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ଏ ଅବସରରେ ସ୍ଥାନୀୟ ଲୋକେ ଗାଁ ର ବିଭିନ୍ନ ସମସ୍ୟା ସମ୍ପର୍କ ରେ ଶ୍ରୀ ମିଶ୍ର ଙ୍କୁ ଅବଗତ ଜରିଥିଲେ କ୍ଷ

ବିଶେଷ କରି ଗ୍ରୀଷ୍ମ ର ପ୍ରକୋପ ଚରମ ସୀମା ରେ ଥିବା ବେଳେ, ପିଇବା ପାଣି ର ଘୋର ଅଭାବ ନାଇକେନ ସିରା ଲୋକଙ୍କ ସମସ୍ୟା କୁ ଦ୍ୱିଗୁଣିତ କରିଦେଉଛି, ଯଦି ଏହି ସମସ୍ୟା ର ଶୀଘ୍ର ସମାଧାନ ନ ହୁଏ ତେବେ ଏ ଅଞ୍ଚଳ ର ଲୋକେ ଏବଂ ଗୃହ ପାଳିତ ପଶୁ ମାନେ ପାଣି ର ଅଭାବ ରେ ଅଭାବନୀୟ ପରିସ୍ଥିତି ର ସମ୍ମୁଖୀନ ହେବେ ବୋଲି ଲୋକେ ଅଭିଯୋଗ କରିଥିଲେ ।ଶୀଘ୍ର ଏକ ଡିପ ବୋରୱେଲ ସହ ଓଭରହେଡ଼ ଟାଙ୍କି ମାଧ୍ୟମରେ ପାଣି ଲୋକଙ୍କ ପାଖକୁ ପହଞ୍ଚି ପାରିଲେ ହିଁ ଲୋକେ ପାଣିର ଅଭାବ ରୁ ତ୍ରାହି ପାଇବେ ବୋଲି ଶ୍ରୀ ମିଶ୍ର ଙ୍କ ଆଗରେ ଗୁହାରି କରିଥିଲେ କ୍ଷ ତକ୍ଷ ସହ ଫୋନ ନେଟୱାର୍କ ପାଇଁ ମଧ୍ୟ ପିଲାମାନଙ୍କ ପଠା ପଢା ରେ ଅସୁବିଧା ହେଉ ଥିବା ଶ୍ରୀ ମିଶ୍ର ଙ୍କ ଦୃଷ୍ଟି କୁ ଅଣାଯାଇଥିଲା କ୍ଷ ଏସମସ୍ତ ଅଭିଯୋଗ ଶୁଣିବା ପରେ ଶ୍ରୀ ମିଶ୍ର ପିଇବା ପାଣି ସମସ୍ୟା ଏକ ବହୁ ଗୁରୁତର ସମସ୍ୟା ଏହାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ମନ୍ତ୍ରୀ ଙ୍କ ସହ ଆଲୋଚନା କରି ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ଆଜିର ଆଲୋଚନା ବେଳେ ଶ୍ରୀ ମିଶ୍ର ଙ୍କ ସହ ସ୍ଥାନୀୟ ସମିତି ସଭ୍ୟ ପପୁ ପାତ୍ର,ରଙ୍କ ବେହେରା, କାଳିଆ ଡାଙ୍ଗ, ଚକ୍ର ମେହେର, ରଂଜନ କୁଦେଇ, ସହଦେବ ପରୁଆ, ଗୋବିଙ୍ଗ ଦାସ, ସାନ ଅଦାବରିଆ ଙ୍କ ସମେତ ଗାଁ ର ଅନେକ ଲୋକ ଉପସ୍ଥିତ ଥିଲେ ।

# ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ରାଜ୍ୟସଂଘର ୪୧ ତମ ରାଜ୍ୟସ୍ତରୀୟ ସମ୍ମିଳନୀ

ଛତ୍ରପୁର, ୨୫/୪ : ନିଖିଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ରାଜ୍ୟସଂଘର ୪୧ ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସଂଘର ମୁଖ୍ୟ ଉପଦେଷ୍ଟା ରୂପକେଶରୀ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ଦାବି ସଂକ୍ରାନ୍ତରେ ସେ ନିଜେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଇବେ । ଯେଉଁ ଦାବି ଗୁଡିକ ମୁଖ୍ୟତଃ ରହିଛି ସେଗୁଡିକୁ ପୂରଣ କରିବା ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାସହ ତାଙ୍କୁ ଏହି ସମ୍ମିଳନୀକୁ ନିମନ୍ତ୍ରଣ କରିଥିବାରୁ ସଂଘର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ । ରାଜ୍ୟସଂଘର ସଭାପତି ସୁବଳ କିଶୋର ମହାନ୍ତି କହିଛନ୍ତି, ରାଜ୍ୟସଂଘ ସଦାସର୍ବଦା ସଂଘର ସଦସ୍ୟମାନଙ୍କ ହିତରେ କାର୍ଯ୍ୟ କରୁଛି । ସଂଘର ମୌଳିକ ଦାବି ଗୁଡିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ ଦିଗରେ ଚେଷ୍ଟିତ ହୋଇଛି । ଆଗାମୀ ଦିନରେ ମଧ୍ୟ ରାଜ୍ୟସଂଘର ଏହି ପ୍ରଚେଷ୍ଟା ଜାରି ରହିବ ବୋଲି କହିଥିଲେ । ବୈଠକରେ ଗଞ୍ଜାମ ଜିଲ୍ଲା ସଂଘର ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଚନ୍ଦ୍ର ଦାଶ ମଂଚାସୀନ ଥିଲେ । ରାଜ୍ୟସଂଘର ସାଧାରଣ ସଂପାଦକ ସିମାଚଂଳ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ ।



ସୋମବାର ୨୭, ଏପ୍ରିଲ୍ ୨୦୨୬, ଭୁବନେଶ୍ୱର
Monday, 27 April 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତମାନୋଽପି ସ ଯୋଗୀ ମୟି ବର୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମାଜ ସେବାରେ ଭିନ୍ନ ଦିଗନ୍ତ

**ଡ଼ଃ.ଅରୁନ୍ଧତୀ ଦେବୀ**

ସମାଜର ବିକାଶରେ ଓ ରାଷ୍ଟ୍ରୀୟ ପ୍ରଗତିରେ ସମାଜ ସେବାର ଗୁରୁ ଦାୟିତ୍ୱକୁ ମନେ ପକାଇବାର ସ୍ମରଣୀୟ ଦିନ । ସଂପ୍ରତି ସବୁକ୍ଷେତ୍ରରେ ସାମାଜିକ ସଂଗଠନର ଗୁରୁ ଦାୟିତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି । ସ୍ୱାସ୍ଥ୍ୟସେବା ଠାରୁ ଶିକ୍ଷା ସୂଚନା ପ୍ରଯୁକ୍ତି ଠାରୁ କଳା ସବୁଠି ସମାଜ ସେବାର ଗୁରୁଦାୟିତ୍ୱ ରହିଛି । ଆଜିକାଲି କିଛି ଆଧାତ୍ମିକ ସଂଗଠନ ଓ ରାଜନୈତିକ ଦଳମାନେ ମଧ୍ୟ ସମାଜ ସେବାରେ ନିଜକୁ ନିୟୋଜିତ ରଖୁଛନ୍ତି । ଅନେକ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ କି ସରକାରଙ୍କ ବିନା ସହାୟତାରେ ଅନ୍ୟ କିଛି ସାମାଜିକ ପ୍ରଗତିମୂଳକ ସେବା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖୁଛନ୍ତି । ଓଡ଼ିଶାରେ ଅନେକ କିଛି ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଲୋକଲୋଚନକୁ ନ ଆସି ବିନା ସରକାରୀ ସହାୟତାରେ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛନ୍ତି । ବିଭିନ୍ନ ବେସରକାରୀ ସଂଗଠନମାନେ ବିନା ସରକାରୀ ସହାୟତାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗ୍ରାମାଞ୍ଚଳ ବିକାଶ, ଗରିବ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା, ଗ୍ରାମ୍ୟ ସଫେଇ ଓ ଫୁଟ୍‌ପାଥର ଲୋକମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । ସମାଜ ସେବା କ୍ଷେତ୍ରରେ ସାମାଜିକ ସଂଗଠନମାନେ ଅନେକ କିଛି ବାଧାବିଘ୍ନକୁ ସାମ୍ନା କରିଥାନ୍ତି । ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଢ଼ୋକେ ପିଇ ଦଣ୍ଡେ ଜିଁଇ ନ୍ୟାୟରେ କାହାପାଖରେ ହାତ ନପାତି ବି ମାନବ ସେବାକୁ ମାଧବ ସେବା ଭାବରେ ରୂପାନ୍ତରିତ କରି ଜନସେବାରେ ନିଜକୁ ନିୟୋଜିତ ରଖିଛନ୍ତି । ଅନେକ କ୍ଷେତ୍ରରେ ଦେଖାଯାଏ ସରକାରଙ୍କ ନାଲିଫିତା ତଳେ ସ୍ୱେଚ୍ଛାସେବୀ ସଂଗଠନର ଅନୁମତି ପ୍ରଦାନ ହେଉ କିମ୍ୱା ଅନୁଦାନ ସବୁ ବନ୍ଦ ହୋଇଯାଏ ଯାହାଦ୍ୱାରା ପ୍ରଗତିମୂଳକ କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଂଗଠନଟି ଯଥାର୍ଥ ରୂପରେ ସେବା କରିବାରୁ ବଞ୍ଚିତ ହୋଇଥାଏ । ନିକଟରେ କେନ୍ଦ୍ର ସରକାରଙ୍କ ଏକ ତାଲିକା



ଅନୁଯାୟୀ ରାଜ୍ୟରେ ଓ ଭାରତରେ କାର୍ଯ୍ୟ କରୁଥିବା କିଛି ସ୍ୱେଚ୍ଛାସେବୀ ସଂଗଠନର ତାଲିକା ବାହାରିଛି ଯେଉଁମାନେ କାର୍ଯ୍ୟ ନକରିବି ଭୁଲ ତଥ୍ୟ ଦେଇ ସରକାରଙ୍କ ଠାରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇବାକୁ ସକ୍ଷମ ହେଉଛନ୍ତି ଯାହାଦ୍ୱାରା ବାସ୍ତବରେ ସେବା କରୁଥିବା ସଂଗଠନଟି ସେମାନଙ୍କ ସମାଜ ସେବା କ୍ଷେତ୍ରରୁ ଦୂରେଇ ଯିବା ପାଇଁ ବାଧ୍ୟ ହୋଇଥାନ୍ତି । ଯଦିଓ ସାମାଜିକ ଓ ନ୍ୟାୟ ମନ୍ତ୍ରାଳୟ ଏହି କଳା ତାଲିକାଭୁକ୍ତ ସଂଗଠନ ପାଇଁ କଡ଼ା ଲଗାମ ଲଗାଇଛନ୍ତି ତେବେ ଏହା ସବୁ କ୍ଷେତ୍ରରେ ସମ୍ଭବ ହୋଇପାରୁନାହିଁ ।ସମାଜ ସେବା ପାଇଁ ଆଜିର ଯୁବପିଢ଼ୀମାନେ କ୍ୟାରିୟର କରିବା ପାଇଁ ଆଗେଇ ଆସୁଛନ୍ତି ସମାଜ ବିଜ୍ଞାନ ଓ ସୋସିଆଲ୍ ସର୍ଭିସ ପାଠ୍ୟକ୍ରମ ଏହି ପିଲାମାନଙ୍କୁ ସେମାନଙ୍କ କ୍ୟାରିୟର ପାଇଁ ସଠିକ ରାସ୍ତା ଦେଖାଉଛି । ପ୍ରଶ୍ନ ଉଠୁଛି ଯେ, ସମାଜ ସେବା ପାଇଁ କ'ଣ ପ୍ରକୃତରେ ଜଣକୁ କେଉଁ ଉପାଦାନ ପ୍ରଯୁଜ୍ୟ । ଦେଖାଯାଉଛି ଜଣଙ୍କ ହାତପାହାନ୍ତାରେ ଯନ୍ତ୍ରଣାରେ ଛଟପଟ ହୋଇ ଜଣେ ଚିକିତ୍ସା ପାଇଁ ଚିତ୍କାର କରୁଛି, ଗାଁରେ ଜଣେ ଅନାହାର ମୃତ୍ୟୁରେ ଛଟପଟ ହେଉଛି । ରାସ୍ତାକଡ଼ରେ ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇ ଜଣେ ସାହାଯ୍ୟର ହାତ ବଢ଼ାଉଛି, ଦିନ ଦିନ ଧରି ଖାଦ୍ୟ ନପାଇ ଅନାହାରରେ ଜଣେ କ୍ଷୁଢୁଥିବା ବେଳେ ସମାଜସେବୀମାନେ ସେଇଠୁ ହିଁ ସେମାନଙ୍କର କ୍ଷେତ୍ର ନିର୍ବାଚିତ କରି ସମାଜ ସେବାରେ ନିୟୋଜିତ ରୁହନ୍ତି । ସବୁକ୍ଷେତ୍ରରେ ସରକାରଙ୍କ ଉପରେ ଗୁରୁଦାୟିତ୍ୱ ଠେଲି ଦେଇ ନିଜ ଦାୟିତ୍ୱ ଶେଷ କରିଦେଲେ ହେବ ନାହିଁ । ନର ସେବା ହିଁ ନାରାୟଣଙ୍କ ସେବା । ଅବହେଳିତ, ଅସହାୟଙ୍କ ସେବା ହେଉଛି ଯଥାର୍ଥରେ ଭଗବାନଙ୍କ ପ୍ରତି ସମର୍ପିତ ଭକ୍ତି ନିବେଦ୍ୟ ଏହାକୁ ସମସ୍ତେ ଜୀବନର ଧର୍ମ ଭାବରେ ବିବେଚନା କରି ଜୀବନ ଧର୍ମ ଭାବରେ ସେହିମାନଙ୍କ ମୁହଁରେ ହସ ଟିକେ ଫୁଟାଇ ପାରିଲେ ସମାଜ ସେବା କ୍ଷେତ୍ର ଗୌରବାନ୍ୱିତ ହେବା ସହ ସେହି ନର ନାରାୟଣଙ୍କ ଆଶୀର୍ବାଦରେ ଜୀବନ ଧନ୍ୟ ହେବ । ଆସନ୍ତୁ ଆନ୍ତର୍ଜାତିକ ଭଲ୍ୟୁଣ୍ଟାରୀ ଡ଼େ ଅବସରରେ ସମସ୍ତଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାର ଶପଥ ନେବା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

# ବାୟୁ ପ୍ରଦୂଷଣ ଏବେ ଜାତୀୟ ସଂକଟ

ଦେଶରେ ବାୟୁ ପ୍ରଦୁଷଣ ଏବେ ଆଉ କେବଳ ଜାତୀୟ ରାଜଧାନୀ ଦିଲ୍ଲୀର ଏବଂ ଶୀତକାଳୀନ ସମସ୍ୟା ହୋଇ ରହିନାହିଁ ବୋଲି ସେଂଟର ଫର ରିସର୍ଚ୍ଚ ଅନ ଏନର୍ଜି ଆଣ୍ଡ କ୍ଲିନ ଏୟାର ପକ୍ଷରୁ ହୋଇଥିବା ଏକ ସାଟେଲାଇଟ୍ ଭିତିକ ମୂଲ୍ୟାୟନ ରିପୋର୍ଟରେ କୁହାଯାଇଛି । ଏହି ରିପୋର୍ଟ ଅନୁଯାୟୀ ଦେଶର ୬୦ପ୍ରତିଶତ ଅଂଚଳ ତଥା ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୭୪୯ଟି ଜିଲ୍ଲା ମଧ୍ୟରୁ ପ୍ରାୟ ୪୪୭ଟି ଜିଲ୍ଲାରେ ବାୟୁର ଗୁଣବତା ମାନକ ଜାତୀୟ ବାର୍ଷିକ ମାନକ ୨.୫ ସ୍ତର ଅତିକ୍ରମ କରିଛି । ତେବେ ସବୁଠୁ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ଗାଇଡଲାଇନକୁ ଦେଶର କୌଣସି ଗୋଟିଏ ହେଲେ କାର୍ଯ୍ୟକାରୀ କରିନାହାଁନ୍ତି । ସେହିପରି ବାୟୁ ପ୍ରଦୁଷଣ ସମସ୍ୟା ଏବେ ଆଉ କେବଳ ଶୀତଦିନିଆ ସମସ୍ୟା ହୋଇରହିନାହିଁ । କେବଳ ବର୍ଷାଦିନ ତଥା ମୌସୁମୀ ଋତୁକୁ ଛାଡିଦେଲେ ଏହା ଏବେ ଦେଶ ପାଇଁ ଏକ ବାର୍ଷିକ ସମସ୍ୟା ଭାବେ ଉଭା ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ତ୍ରିପୁରା, ପଂଜାମ, ହରିଆନା, ହିମାଚଳପ୍ରଦେଶ, ମେଘାଳୟ ଏବଂ କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡରେ କେବଳ ବର୍ଷା ଋତୁ ବ୍ୟତୀତ ଅନ୍ୟ ସମସ୍ତ ଋତୁରେ ଶତପ୍ରତିଶତ ସ୍ତରରେ ବାୟୁ ପ୍ରଦୁଷଣ ରହିଛି । ତେବେ ଦେଶର ସର୍ବୋଚ୍ଚ ୫୦ଟି ପ୍ରଦୁଷିତ ଜିଲ୍ଲା ୪ଟି ଉତରାଚଂଳ ଓ ପୂର୍ବାଚଂଳ ରାଜ୍ୟ ତଥା ଦିଲ୍ଲୀ, ଆସାମ, ହରିଆନା ଏବଂ ବିହାରରେ ରହିଛି । ଆଶ୍ଚର୍ଯ୍ୟଜନକ ଭାବେ ଲୋକପ୍ରିୟ ସ୍ଥାନଗୁଡିକରେ ରାଜ୍ୟସ୍ତରର ପିଏମ୨.୫ ଅପ୍ରକାଶିତ ରହିଛି । ଉଦାହରଣ ସ୍ୱରୁପ ନ୍ୟାଶନାଲ ଆମ୍ବିଏଂଟ ଏୟାରକ୍ୱାଲିଟ୍ (ଏନଏଏକ୍ୟୁ) ମାନଦଣ୍ଡ ତଳେ ମହାରାଷ୍ଟ୍ରର ପ୍ରଦୁଷଣ ସ୍ତର ପିଏମ ୨୫ ତଳେ ଥିବାବେଳେ ୧୪ଟି ଜିଲ୍ଲାର ସ୍ତର ଏନଏଏକ୍ୟୁ ମାନଦଣ୍ଡ ଉପରେ ରହିଛି । ଏହି ପରିସ୍ଥିତି ଋତୁଭିତିକ ବୃଦ୍ଧି ନୁହେଁ କିନ୍ତୁ ସବୁଦିନିଆ ବୋଲି କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ପଂଜାବ, ହରିଆନା, ସମେତ କେତେକ ଉତର ଭାରତୀୟ ରାଜ୍ୟରେ ବ୍ୟାପକ ନଡାମୂଳ ପୋଡି ଏବଂ ଦୀପାବଳୀ ଉତ୍ସବରେ ଅତ୍ୟଧିକ ମାତ୍ରାରେ ବାଣଫୁଟା ଯୋଗୁଁ ଶୀତଦିନରେ ବାୟୁ ପ୍ରଦୁଷଣର ମୁଖ୍ୟ କାରଣ ବୋଲି କୁହାଯାଇଥାଏ । ନିକଟରେ ଦିଲ୍ଲୀର ବାୟୁ-ପ୍ରଦୁଷଣ ନେଇ ଏକ ପିଟିସନର ଶୁଣାଣୀ କରିବାବେଳେ ନଡାମୂଳ ପୋଡି ଓ ବାଟଫୁଟାକୁ ବାୟୁ ପ୍ରଦୁଷଣର ମୁଖ୍ୟ କାରଣ ଥିବା କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବିଶେଷ କରି ଇଟା ଭାଟି, ଶିଳ୍ପ, ଡିଜେଲ ଜେନେରେଟର, ନଡାମୂଳ, ଘରୋଇ ଜାଳେଣି, ତାପଜ ବିଦ୍ୟୁତ କେନ୍ଦ୍ର, ଆଖିବୁଜା ନିର୍ମାଣ, ଆବର୍ଜନା ପୋଡି, ବ୍ୟାପକ ଭାବେ ଡିଜେଲ ଓ ପେଟ୍ରୋଲ ଯାନ ବାହାନ ଚଳାଚଳରୁ ନିର୍ଗତ ଧୂଆଁ ବାୟୁପ୍ରଦୁଷଣର କାରଣ ପାଲଟିଛି । ଦିଲ୍ଲୀରେ ଏହାର ସ୍ଥାୟୀ ମୁକାବିଲା ବର୍ତମାନ ସୁଦ୍ଧା ଅବଲମ୍ବନ କରାଯାଇନଥିବା ବେଳେ ସାମୟିକ ଯାନବାହାନ ଚଳାଚଳ ଉପରେ କଟକଣା, ନିର୍ମାଣ ଉପରେ କଟକଣା ଲାଗୁ ହେଉଛି । ବାୟୁ ପ୍ରଦୁଷଣ ଦିଲ୍ଲୀରେ କେବଳ ସ୍ୱାସ୍ଥ୍ୟ ଉପରେ ପକାଇ ନାହିଁ, ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ବିଶେଷ କରି ପିଲାଙ୍କ ପାଠପଢା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଲମ୍ବା ସମୟ ସ୍କୁଲ ଛୁଟି ଏବଂ ସ୍କୁଲ ସମୟ କାଟ୍‌ଛାଟ୍ ଏବେ ଏକ ନୟମିତ ଘଟଣାରେ ପରିଣତ ହୋଇଛି । ଦିଲ୍ଲୀର ପିଲାଙ୍କ ପାଇଁ ସ୍ୱଚ୍ଛ ବାୟୁ ଦୁସ୍ୱପ୍ନ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ । ଶୁଦ୍ଧ ବାୟୁ ପାଇଁ କୃତ୍ରିମ ଅମ୍ଳଜାନ ସିଲିଣ୍ଡର ଏବେ ଜନସାଧାରଣଙ୍କ ଜୀବନ ରକ୍ଷକ ହୋଇଥିବା କୁହାଯାଏ । ଏହା ନିସନ୍ଦେହ ଯେ, ବାୟୁ ପ୍ରଦୁଷଣ ଯକ୍ଷ୍ମା, ଶ୍ୱାସ, ହୃଦଘାତ, ଫୁସ୍‌ଫୁସ୍ ସଂକ୍ରମଣ ଆଦି ରୋଗର ବାହକ ହୋଇଥିବାବେଳେ ବାର୍ଷିକ ୧.୫ ମିଲିଅନ ଲୋକଙ୍କର ଜୀବନ ଯାଉଥିବା ନେଇ ଦି ଲାନସେଟ୍ ପ୍ଲାନେଟାରୀ ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି । ଆମ ରାଜ୍ୟରେ ବାୟୁ ପ୍ରଦୁଷଣ ମଧ୍ୟ କିଛି କମ୍ ନୁହେଁ । ଦେଶର ୧୦ଟି ସର୍ବାଧିକ ସହର ମଧ୍ୟରେ ଅନୁଗୁଳର ସ୍ଥାନର ଷଷ୍ଠ ସ୍ଥାନରେ ରହିଛି । ସେହିପରି ରାଜଧାନୀ ଭୁବନେଶ୍ୱରର ବହୁ ଅଂଚଳ ମଧ୍ୟ 'ହୁ'ର ମାନଦଣ୍ଡ ଅତିକ୍ରମ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ଏହା ନିସନ୍ଦେହ ଯେ, ବାୟୁ ପ୍ରଦୁଷଣ ଏବେ ଏକ ଜାତୀୟ ସଂକଟରେ ପରିଣତ ହୋଇଛି । ବାୟୁ ପ୍ରଦୁଷଣର ସ୍ଥାୟୀ ପ୍ରତିକାର କରାନଗଲେ, ଭବିଷ୍ୟତରେ ଆମକୁ ସ୍ୱଚ୍ଛବାୟୁ ପାଇଁ ସଂଗ୍ରାମ କରିବାକୁ ହେବ ।

# ମହାଯୋଗୀ ଶ୍ରୀ ଅରବିନ୍ଦ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା ।



ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ । ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଈଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ – 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ । ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନି୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା ।

ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା – ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
E-mail : drjyotiranjanchampatray123@gmail.com

# ସୃଷ୍ଟି ପାଇଁ ମାଟି

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ । ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି । ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ । କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ । ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ । ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର । ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆଧାର କରି ସମ୍ପ୍ରତି ପହଞ୍ଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ । ଏହି କାମରେ ମାଟି ଯେ କେବଳ ଜୀବସତ୍ତାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ିଦେଇଛି ଅକଳନୀୟ ଶକ୍ତିର ଉତ୍ସ । ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି । କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି । ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ । ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି । ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି । ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ । ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ । ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ । ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି । ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ । ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ । ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି । ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି । ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଞ୍ଚିଯିବ । ଗୋଟିଏ ସେଣ୍ଟିମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ । ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ । ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ । ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ । ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି । ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ । ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା । ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି । ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ । କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ । ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି । କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି । ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି । ମାଟି ପାଇଁ ସୃଷ୍ଟି ବଞ୍ଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଞ୍ଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

## ମ୍ୟାଲେରିଆ ମୁକ୍ତ ସମାଜ ଗଠନ ପାଇଁ ପ୍ରଶାସନର ସଂକଳ୍ପ




ଅନୁଗୋଳ,୨୬।୪(ନି.ପ୍ର.): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶିକ୍ଷଣ କେନ୍ଦ୍ରଠାରେ 'ବିଶ୍ୱ ମ୍ୟାଲେରିଆ ଦିବସ' ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନ ମୋହନ ପ୍ରଧାନ ଜିଲ୍ଲାରେ ମ୍ୟାଲେରିଆ ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ ଗତ ଦଶନ୍ଧିର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। କୀଟନାଶକ ସିଞ୍ଚନ, ମଶାରୀ ବଣ୍ଟନ ତଥା ଦୁର୍ଗମ ଅଞ୍ଚଳରେ ଦମନ କ୍ୟାମ୍ପ ଜରିଆରେ ରକ୍ତ ନମୁନା ପରୀକ୍ଷା ଦ୍ୱାରା ମ୍ୟାଲେରିଆକୁ ବହୁ ମାତ୍ରାରେ ନିୟନ୍ତ୍ରଣ କରାଯାଉଛି। ସେହିଭଳି ନିୟମିତ ବ୍ୟବଧାନରେ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଉଛି। ମ୍ୟାଲେରିଆ ପଜିଟିଭ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୂପମା ପାଣି, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଗୌରବମୟ ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପୂର୍ଣ୍ଣିମା ଉଦଗାତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କୃଷ୍ଣ ଚନ୍ଦ୍ର ପାଲ, କମ୍ୟୁନିଟି ହେଲଥ୍ ଆସିଷ୍ଟାଣ୍ଟ ପ୍ରଫେସର ଡ. ସାର୍ଥକ ଶତପଥୀ, ଜିନ୍ଦଲ ଉର୍ଜା ଜିଏମ ଶ୍ରୀ ଜୟନ୍ତ କୁମାର ମହାନ୍ତି, ଜିଲ୍ଲା ଏଣ୍ଟୋମୋଲୋଜିଷ୍ଟ ପ୍ରେମରଞ୍ଜନ ପଣ୍ଡାଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ, ସିଡିପିଓ, ଆଶାକର୍ମୀପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ସ୍କୁଲ ର ବାର୍ଷିକ ଉତ୍ସବ

ପିପିଲି୨୬।୪(ନି.ପ୍ର.): -ପିପିଲି ବ୍ଲକ ଅନ୍ତର୍ଗତ ଜଇଶପାଟଣା ଆରୁହାସ୍ଥିତ ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ସ୍କୁଲ ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରତିଷ୍ଠାତା ଡଃ ରାଜେଶ ସାହୁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ବିଇଓ ପୀତବାସ ସେଠୀ,ମୁଖ୍ୟ ବକ୍ତା ଭାବରେ ଗୋବିନ୍ଦପୁର କ୍ଲଷ୍ଟର ର ସିଆରସିସି ସୁନିତା ନାୟକ,ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ଚିନ୍ତାମଣି ଓଝା ଯୋଗ ଦେଇଥିଲେ। କୁନି କୁନି ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଗଢି ତୋଳିବାରେ ମା' ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତ ରଖିଥିଲେ। ପ୍ରତିଷ୍ଠାତା ସଂପାଦକ ଡଃ ସାହୁ ବିଦ୍ୟାଳୟ ଗଢିବା ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ।ବିଦ୍ୟାଳୟ ର ଶିକ୍ଷକ ଶ୍ରୀଯୁକ୍ତ ରାକେଶ କୁମାର ଜେନା ସଭା ପରିଚାଳନା କରି ଥିବା ବେଳେ, ଶିକ୍ଷୟିତ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ସାମନ୍ତରାୟ, ସୁଚିସ୍ମିତା ନାୟକ,ସିନ୍ଧୁ ସୁତା ପରିମୋଣିକ,ସତ୍ୟଭାମା ଦାସ,ରାନୁ ଲେଙ୍କା, ଆକାଂକ୍ଷା ପ୍ରିୟଦର୍ଶିନୀ , ସୋନାଲି ପ୍ରଧାନ, ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ,ଲକ୍ଷ୍ମୀପ୍ରିୟା ପରିଡା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।ଶେଷରେ ଛାତ୍ରଛାତ୍ରୀ ମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଶିବିର

ଜଗତସିଂହପୁର,୨୬।୪(ନି.ପ୍ର.): ନିକ୍ଷୟ ମିତ୍ର ଶିବିର ଅନ୍ତର୍ଗତ ସାଲପୁର ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ୧୦୦ ଦିନ ୨.୦ ଶିବିର କରାଯାଇଥିଲା । ସରପଞ୍ଚ ଏବଂ ଅନ୍ୟ ଗ୍ରାମ ପଞ୍ଚାୟତ ସଦସ୍ୟମାନେ ଏହି ଶିବିରରେ ଯୋଗ ଦେଇଥିଲେ । ଏହି ଏକ୍ସ-ରେ ଶିବିରରେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ଲୋକଙ୍କ ଛାତିର ଏକ୍ସରେ କରାଯାଇଥିଲା ।ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜଗତସିଂହପୁର ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା।

# ବିଜେପି ଜିଲ୍ଲା କାର୍ଯ୍ୟାଳୟ ରେ ପ୍ରଧାନମନ୍ତ୍ରୀ ଙ୍କ ୧୩୩ ତମ ମନ କି ବାତ ଶୁଣିଲେ ସାଂସଦ ରୁଦ୍ର ନାରାୟଣ ପାଣି



ଅନୁଗୋଳ୨୬।୪(ନି.ପ୍ର.): : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କର ମନ କି ବାତ କାର୍ଯ୍ୟକ୍ରମ ସମଗ୍ର ଦେଶରେ ପ୍ରତିଟି ଘରେ ଘରେ ଆଦୃତ ହୋଇସାରିଛି । ପ୍ରତି ମାସର ଶେଷ ରବିବାର ରେ ଅନୁଗୋଳ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଙ୍କ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆଜି ରବିବାର ପ୍ରଧାନମନ୍ତ୍ରୀ ଙ୍କ ୧୩୩ ତମ ମନ କି ବାତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ରେ ଦେଖିଛନ୍ତି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କର ମନ କି ବାତ କାର୍ଯ୍ୟକ୍ରମ ବର୍ତ୍ତମାନ ଏକ ଆନ୍ଦୋଳନ ରେ ପରିଣତ ହେଲାଣି ଦେଶ ବିଦେଶ ସବୁ ଘରେ ଘରେ ସାଧାରଣ ଲୋକ ମନ କି ବାତ ଦେଖିଛନ୍ତି । କେବଳ ବିଜେପି କାର୍ଯ୍ୟକର୍ତା ଙ୍କ ଭିତରେ ଏ କାର୍ଯ୍ୟକ୍ରମ ସୀମିତ ହୋଇ ରହିନାହିଁ ବୋଲି ସାଂସଦ ଶ୍ରୀ ପାଣି ପ୍ରକାଶ କରିଛନ୍ତି। ଆଜିର କାର୍ଯ୍ୟକ୍ରମ ରେ ସାଂସଦ ଶ୍ରୀ ପାଣି ଙ୍କ ସହ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ ଓ ପ୍ରତିମା ମିଶ୍ର. ,ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ବସନ୍ତ ମଞ୍ଜରୀ ପ୍ରଧାନ ଓ ସୁଦିପ ଗଡ଼ନାୟକ, କାଉନ ସିଲର ସରିତା ମିଶ୍ର, ଓ ସ୍ୱାଧୀନ ଥମ୍ବ, ନମିତା ଦଳବେହେରା, ଅବନୀ ସାମନ୍ତ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଅନୁଗୋଳ ଜିଲ୍ଲା ପୋଲିସର 'ବଣ୍ଟନ ମେଳା'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ପୋଲିସର ସେବା ମନୋଭାବ ଜନତାଙ୍କ ଭରସା ବଢ଼ାଇବ - ଧର୍ମେନ୍ଦ୍ର ପ୍ରଧାନ



ଅନୁଗୋଳ ୨୬।୪(ନି.ପ୍ର.): - କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଅନୁଗୋଳ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜିତ 'ବଣ୍ଟନ ମେଳା' କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କ ସେବା ଦିଗରେ ଏକ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି ।

ଏହି ଅବସରରେ ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସମୟରେ ହଜିଯାଇଥିବା ବା ଚୋରି ହୋଇଥିବା ମୋବାଇଲ ଫୋନ୍ ଏବଂ ବାଇକ୍ ?ଗୁଡ଼ିକୁ ଉଦ୍ଧାର କରାଯାଇ ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ସମ୍ମାନର ସହ ଫେରସ୍ତ କରାଯାଇଛି । ଜନସାଧାରଣଙ୍କ ହଜିଯାଇଥିବା ସାମଗ୍ରୀ ଫେରାଇ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇବାରେ ପୋଲିସ ପ୍ରଶାସନର ଏହି ନିଷ୍ଠାପର ଉଦ୍ୟମକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିସହ ବରିଷ୍ଠ ନାଗରିକମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯିବା ପୋଲିସର ସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେଶର ନ୍ୟାୟିକ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣି ପରାଧୀନ ମାନସିକତାରୁ ବାହାରି ଏବେ 'ଭାରତୀୟ ନ୍ୟାୟ ସଂହିତା'ର ସଫଳ କ୍ରିୟାନ୍ୱୟନ କରାଯାଉଛି । ଅନେକ ଦଶକ ପରେ ଭାରତୀୟ ନ୍ୟାୟ ମୂଲ୍ୟବୋଧ ଉପରେ ଆଧାରିତ ଏହି ନୂତନ ଆଇନ ଶାସନକୁ ଆହୁରି ସୁଦୃଢ଼ ଓ ଲୋକାଭିମୁଖୀ କରିପାରିଛି ।ଅନୁଗୋଳ ଜିଲ୍ଲା ପୋଲିସ କେବଳ ଅପରାଧ ନିୟନ୍ତ୍ରଣ ନୁହେଁ, ବରଂ ନୂତନ ଆଇନ ପ୍ରୟୋଗ ଏବଂ ସାମାଜିକ ଦାୟିତ୍ୱବୋଧର ସମନ୍ୱୟ ରକ୍ଷା କରି ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିଛି । ପୋଲିସ ପ୍ରଶାସନର ଏଭଳି ସକାରାତ୍ମକ କାର୍ଯ୍ୟଧାରା ସାଧାରଣ ଜନତାଙ୍କ ମନରେ ସୁରକ୍ଷା ଓ ଭରସାକୁ ଆହୁରି ଦୃଢ଼ୀଭୂତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରାଙ୍କ ସମେତ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ , ଜିଲ୍ଲାପାଳ ମହମ୍ମଦ ଅବଦ୍ଦଲ ଅଖତାର ମଞ୍ଚାସିନ ଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପ ଆରକ୍ଷୀ ଅଧିକ୍ଷକ ଉପାସନା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ୨୪ ଲକ୍ଷ ଟଙ୍କାର ୧୨୦ ଟି ଦାମୀ ମୋବାଇଲ ଫୋନ ସହ ୧୮ ଗୋଟି ବାଇକ୍ ଲୋକମାନଙ୍କୁ ଫେରସ୍ତ କରାଯାଇଥିଲା ଏବଂ ୧୨୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

# ଅନୁଗୋଳ ସଂସ୍କରଣର ୨୬ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ୨୬।୪(ନି.ପ୍ର.):– ଅସ୍ମିତା ଏକ ଦାର୍ଶନିକ ବିଷୟ । ଅସ୍ମିତା ହିଁ ଆମର ପ୍ରକୃତ ପରିଚୟ ଓ ଶାଶ୍ୱତ ଐତିହ୍ୟ। ଯେଉଁ ଚିନ୍ତାଧାରା ମଣିଷକୁ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ କରେ, ନିଜ ମାଟି ପାଇଁ ଗର୍ବିତ ହେବାର ସୁଯୋଗ ଦିଏ ଏବଂ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ମନୋବଳକୁ ଦୃଢ଼ୀଭୂତ କରେ, ତାହା ହିଁ ପ୍ରକୃତ ଅସ୍ମିତା ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ।

'ସମ୍ବାଦ'ର ଅନୁଗୋଳ ସଂସ୍କରଣର ୨୬ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ ଓଡ଼ିଆ ଅସ୍ମିତାର ପ୍ରାସଙ୍ଗିକତା ଓ ରାଜ୍ୟର ବିକାଶ ଧାରା ଉପରେ ଏକ ମାର୍ମିକ ଅଭିଭାଷଣ ପ୍ରଦାନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅସ୍ମିତା ଏକ ଗଭୀର ଦାର୍ଶନିକ ବିଷୟ, ଯାହା ବ୍ୟକ୍ତିକୁ ଜାଗ୍ରତ ଓ ସକାରାତ୍ମକ କରିବା ସହ ଜୀବନରେ ସନ୍ତୁଳନ ରକ୍ଷା କରିବାକୁ ପ୍ରେରଣା ଦେଇଥାଏ। ୨୦୩୬ ମସିହାରେ ଯେତେବେଳେ ଓଡ଼ିଶା ଭାଷା ଭିତ୍ତିରେ ଗଠନ ହେବାର ଶହେ ବର୍ଷ ପୂରଣ କରିବ, ସେତେବେଳେ ଆମର ଲକ୍ଷ୍ୟ ପୂରଣ ପାଇଁ ଅସ୍ମିତାର ଏହି ତତ୍ତ୍ୱ ଓ ଉନ୍ମାଦନା ହିଁ ସାରଥି ସାଜିବ । ଆଗାମୀ ପିଢ଼ି ପାଇଁ ଏକ ସ୍ୱର୍ଣ୍ଣିମ ଓଡ଼ିଶା ଗଠନ କରିବାକୁ ହେଲେ ଆମକୁ ଏବେଠାରୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ, ଯାହାର ମୂଳ ମନ୍ତ୍ର ହେବ ଓଡ଼ିଆ ଅସ୍ମିତା ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବାଦର ଏହି ୨୬ ବର୍ଷର ଗୌରବମୟ ଯାତ୍ରା କେବଳ ଏକ ଖବରକାଗଜର ସୀମିତ ପରିସର ମଧ୍ୟରେ ନାହିଁ, ବରଂ ଏହା ଅନୁଗୋଳ ଜିଲ୍ଲାର ଅର୍ଥନୈତିକ ବିକାଶ, ସାମାଜିକ ସଂଘର୍ଷ ଏବଂ ସଫଳତାର ଏକ ଜୀବନ୍ତ ଦସ୍ତାବିଜ୍ । ଜଣେ ନିଷ୍ଠାପର ପାଠକ ଭାବେ ସେ ଅନୁଭବ କରନ୍ତି ଯେ, ସମ୍ବାଦ ଆଜି ଓଡ଼ିଶାର ପ୍ରତିଟି ଘରେ ଏକ ବିଶ୍ୱାସର ପ୍ରତୀକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି ଏବଂ ରାଜ୍ୟରେ ସ୍ୱଚ୍ଛ ତଥା ରୁଚିପୂର୍ଣ୍ଣ ସାମ୍ବାଦିକତାର ଏକ ନୂତନ ମାନଦଣ୍ଡ ସୃଷ୍ଟି କରିଛି। ବିଭିନ୍ନ ଖବର ପ୍ରକାଶନୀ ସଂସ୍ଥାର ଆଞ୍ଚଳିକ ସଂସ୍କରଣର ଗୁରୁତ୍ୱ ଅଧିକ ବୋଲି କହିବା ସହ ଗତି ଓ ଶକ୍ତି ଏକାଠି ହେଲେ ଅନୁଗୋଳ ଆଗକୁ ବଢିବ ବୋଲି ସେ ମତପ୍ରକାଶ କରିଥିଲେ ।

ସମ୍ବାଦର ସାମାଜିକ ପ୍ରତିବଦ୍ଧତାକୁ ପ୍ରଶଂସା କରି ମନ୍ତ୍ରୀ କହିଛନ୍ତି ଯେ, କେବଳ ଖବର ପରିବେଷଣ ନୁହେଁ, ବରଂ 'ସାହିତ୍ୟ ଘର', 'ରକ୍ତଦାନ ଶିବିର' ଏବଂ 'ପୁନଶ୍ଚ ପୃଥିବୀ' ଭଳି ପରିବେଶ ଅନୁକୂଳ କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ବାଦ ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ପାଇଁ ଜନମତ ସୃଷ୍ଟି କରିପାରିଛି । ଏହି ଅବସରରେ ସେ ସମ୍ବାଦ ସଂସ୍କରଣ ସହ ଜଡ଼ିତ ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା କ୍ଷେତ୍ରରେ ସମ୍ବାଦର ଏହି ନିରନ୍ତର ଉଦ୍ୟମ ଜାରି ରହୁ ବୋଲି ଆଶା ପ୍ରକଟ କରିଛନ୍ତି।

# ସ୍ମୃତିଲିପିର ସଂପାଦକ ସମ୍ମାନିତ

ଯାଜପୁର,୨୬।୪(ନି.ପ୍ର.): .ଆଜି ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯାଜପୁର ଜିଲ୍ଲାର କୋରେଇ ବ୍ଲକସ୍ଥିତ ହଳଦିଗଡିଆ ସତ୍ୟନାରାୟଣପାଠାଗାର ଆନୁକୁଲ୍ୟରେପ୍ରକାଶ ପାଇଆସୁଥିବା ଜନଚେତନାରପ୍ରତୀକ ତ୍ରୟମାସିକ ସାହିତ୍ୟପତ୍ରିକାର ସୁଯୋଗ୍ୟ ସଂପାଦକ ସଂଗଠକ ସାମ୍ବାଦିକ ଭୁବନ ମୋହନ ମହାନ୍ତିଙ୍କର ବଳିଷ୍ଠ ସଂପାଦନା ପାଇଁ ଆଜି ଜାରକାସ୍ଥିତ କଳ୍ପତରୁଷ୍ଟାଡିୟମଠାରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଡ ଗୌରହରି ଦାଶ ଡ.ଇନ୍ଦୁପ୍ରଭା ସାମଲ ଡ.ରୁଦ୍ରନାରାୟଣ ପୃଷ୍ଟି, ଡ. ସତ୍ୟପ୍ରିୟ ମହାଳିକ, ଡ଼ପ୍ରସନ୍ନ କୁମାର ମିଶ୍ର,ଡ.ରବିନ୍ଦ୍ର କୁମାର ବିହାରୀ ଗୋକର୍ଣ୍ଣିକାର ସଂପାଦକ ରମାକାନ୍ତ ଜେନାଙ୍କର ଉପସ୍ଥିତରେ ମାନପତ୍ର ଉପଢୌକନ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସଂବର୍ଦ୍ଧନା ଦିଆଯାଇଥିଲା।ଏଥିପାଇଁ ସମଗ୍ର କୋରେଇ ଅଞ୍ଚଳରେ ଖୁସୀର ଲହରୀ ଖେଳିଯାଇଥିଲା। ସ୍ମୃତିଲିପିର କାର୍ଯ୍ୟନିର୍ବାହୀ ସଂପାଦକ ଦୟାନିଧି ନାୟକ ଚଳାପଥ ଅନୁଷ୍ଠାନରପ୍ରତିଷ୍ଠାତା ବରିଷ୍ଠ ସାମ୍ବାଦିକ ହଳଧର ଧିର ସାମ୍ବାଦିକ ମଳୟ କୁମାର ମଲ୍ଲିକ ମାଆ କାମୁଡେଇ ସାହିତ୍ୟ ସଂସ୍କୃତି ମଞ୍ଚର ସଭାପତି ବରିଷ୍ଠ ପରିବେଶବିତ ଶରତ କୁମାର ଦାସ ଯୁବକବି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ,ବରିଷ୍ଠ ଶିକ୍ଷାବିତ ନବଘନ ସ୍ୱାଇଁ,ବଉଳଫୁଲପତ୍ରିକାର ସଂପାଦିକା ବ୍ରଜେଶ୍ୱରୀ ସିଂହ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।



# ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଉଦଘାଟିତ



ଜଗତସିଂହପୁର,୨୬।୪(ନି.ପ୍ର.): ଜଗତସିଂହପୁର ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ଠାରେ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଜିଲ୍ଲା କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସଦ ର ମିଳିତ ଆନୁକୂଲ୍ୟରେ ୨୪/୦୪/୨୬ ରିଖ ରେ ଉଦଘାଟିତ ହୋଇଯାଇଛିକ୍ଷ ଉକ୍ତ ପ୍ରତିଯୋଗିତା ଆଗାମୀ ୩୦. ୦୪. ୨୦୨୬ ରିଖ ପର୍ଯ୍ୟନ୍ତ ଚାଲିବ। ଉଦଘାଟନୀ ଉତ୍ସବରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ମୁଖ୍ୟ ଅତିଥି ଏବଂ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ଶ୍ରୀକାନ୍ତ ଚୌଧୁରୀ ,ସଭ୍ୟ ସାଧୁ ଚରଣ ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଏବଂ ବିଜୟ କୁମାର ସ୍ୱାଇଁ ପ୍ରମୁଖ ସନମ୍ମାନୀୟ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ପୋର୍ଟ କ୍ଲବ, ପାରାଦ୍ୱୀପ ଓ ବୋରିକିନା ଏଫ. ସି ଚିତ୍ତାକର୍ଷକ ଥିଲା ଓ ଉଭୟ ଟିମ ଜିରୋ ଜିରୋ ରେ ସମାନ ଥିଲା । ସେହିପରି ଦିତ୍ୱୀୟ ମ୍ୟାଚ୍ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପୂରଣ, ବିରିଡି ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ.ପୂରଣ ରଘୁନାଥପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ରଘୁନାଥପୁର (ଟାଇଗର ) ଅଧିକ ସାତ ଗୋଲ ପାଇ ବିଜୟୀ ହୋଇଥିଲା।

# କୋଠ ଘରେ ଶୋଇବାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ

ବଲଙ୍ଗା୨୬।୪(ନି.ପ୍ର.): ବଲଙ୍ଗା ଥାନା ଅନ୍ତର୍ଗତ ଡ଼ାଙ୍ଗୁରା ଗ୍ରାମରେ କୋଠ ଘରେ ଶୋଇବାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଝିଅ ମନୋରମା ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ଶୁକ୍ରବାର ରାତିରେ ପୂର୍ଣ୍ଣଚନ୍ଦ୍ର ଗ୍ରାମର କୋଠ ଘରେ ଶୋଇଥିଲେ। ସେହି ସମୟରେ ଗ୍ରାମର ବୃନ୍ଦାବନ ସାହୁ ସେଠାରେ ପହଞ୍ଚି କୋଠ ଘର ମୁଁ କରିଛି ତମେ ଶୋଇବାକୁ କିଏ ବୋଲି କହି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲା। ଫଳରେ ସେହି ଘରେ ସୋଇଥିବା ଗ୍ରାମର କୃଷ୍ଣଚନ୍ଦ୍ର ବାରିକ ଓ ପ୍ରକାଶ ସାହୁ ଉଠି ପଳାଇଥିଲେ। ପୂର୍ଣ୍ଣଚନ୍ଦ୍ର ନ ଯିବାରୁ ବୃନ୍ଦାବନ ହାତରେ ଧରିଥିବା ଏକ ବାଉଁଶରେ ତାଙ୍କୁ ପିଟିଥିଲା। ପୂର୍ଣ୍ଣଚନ୍ଦ୍ର ପାଟି କରିବାରୁ ମନୋରମା ଘଟଣା ସ୍ଥଳରେ ପହଁଚି ପ୍ରତିବାଦ କରିବାରୁ ଆସାମୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଆକ୍ରମଣ ଉଦ୍ୟମ କରିଥିଲା। ମନୋରମା ଡାକ ପକାଇବାରୁ ଗ୍ରାମର କେତେକ ଲୋକ ଆସି ଆସାମୀ କବଳରୁ ପୂର୍ଣ୍ଣଚନ୍ଦ୍ରଙ୍କୁ ଉଦ୍ଧାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।









# ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ



**କଟକ, ୨୬।୪ (ନି.ପ୍ର):** ଆଜି ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଜିଲ୍ଲା ସ୍ୱାସ୍ଥ୍ୟ ଭବନସ୍ଥିତ ସମ୍ମିଳନୀ କକ୍ଷ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅଶୋକ କୁମାର ମିଶ୍ର ଯୋଗଦେଇ ମ୍ୟାଲେରିଆ ର କାରଣ, ନିରାକରଣ ଓ ମ୍ୟାଲେରିଆ ଦିବସ ପାଳନ କରିବାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସ୍ମୃତି ରଞ୍ଜନ ରାଉତ ମ୍ୟାଲେରିଆ ର ଲକ୍ଷଣ, ମ୍ୟାଲେରିଆ ନିରାକରଣ ନିମନ୍ତେ ପ୍ରତିରୋଧ ମୂଳକ ପଦକ୍ଷେପ ଓ ମଶା ଜନିତ ଅନ୍ୟରୋଗ ଗୁଡିକ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଅନ୍ୟ ଦେଶମାନଙ୍କରେ ମ୍ୟାଲେରିଆ ନିୟନ୍ତ୍ରଣର ସଫଳ ମଡେଲ୍ ?ଗୁଡ଼ିକୁ ଉଲ୍ଲେଖ କରି ସମସ୍ତଙ୍କୁ ସଚେତନ ରହିବାକୁ ଆହ୍ୱାନ କରିଥିଲେ । ଏଥି ସହ ମ୍ୟାଲେରିଆ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମ ପରିଶେଷରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚ଼ାଳକ, ଟି ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଓ୍ୱା 'ଇଜ ମେନ ଇଣ୍ଟରନ୍ୟାସନାଲ ଚେୟାରମ୍ୟାନ, ଆଡଭୋକେଟ ପ୍ରସନ୍ନ କୁମାର ନନ୍ଦଙ୍କ ସମେତ ବହୁ ସଂଖ୍ୟାରେ ଆଶାକର୍ମୀ ଓ ନର୍ସିଂ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ଜଗତସିଂହପୁର, ୨୬।୪ (ନି.ପ୍ର):** ଆଜି ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପଞ୍ଚାୟତ ସମିତି ଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ମାନ୍ୟବର ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ବିନା ଦ୍ୱିଧାରେ ସମାଜ ର ତଳସ୍ତରରେ ଥିବା ଲୋକଙ୍କ ନିକଟରେ ବିଭିନ୍ନ ଯୋଜନା ପହଞ୍ଚାଇବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ । ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ଗାଁ ର ଉନ୍ନତି ହେଲେ ଦେଶର ଉନ୍ନତି ହୋଇ ପାରିବ। ଘର ନଥିବା ପ୍ରତ୍ୟେକ ଗରିବ ଲୋକଙ୍କୁ ଦଳମତ ନିର୍ବିଶେଷରେ ଅନ୍ତ୍ୟୋଦୟ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲା କୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ



ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ମାନ୍ୟବର ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇ ଯୋଗଦେଇ କହିଲେ ଶାସନ ର ବିକେନ୍ଦ୍ରୀକରଣ ସହ ଗ୍ରାମାଞ୍ଚଳ ଭିତ୍ତିଭୂମି ର ବିକାଶ ହୋଇପାରିଲେ ଦେଶର ବିକାଶ ସମ୍ଭବ। ପଞ୍ଚାୟତକୁ ଏକ ୟୁନିଟ ଭାବେ ନେଇ ବିକାଶ କରାଯାଉଛି। ପଞ୍ଚାୟତର ବିକାଶ କହିଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କୁ ବୁଝାଇଥାଏ। ମହିଳାଙ୍କ ବିକାଶ ହେଲେ ପରିବାରର ବିକାଶ ହୋଇପାରିବ। ଏହି ଉତ୍ସବରେ ମାନ୍ୟବର ବିଧାୟକ ଜଗତସିଂହପୁର ଶ୍ରୀ ଅମରେନ୍ଦ୍ର ଦାସ ଯୋଗଦେଇ କହିଲେ ପଞ୍ଚାୟତିରାଜ ବ୍ୟବସ୍ଥା ରେ ମହିଳା ମାନଙ୍କୁ ଅଧିକ କ୍ଷମତା ଦିଆଯାଇ ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇ ପାରୁଛି। ଅର୍ଥନୀତି ସୁଦୃଢ଼ କରିବାକୁ ହେଲେ ମା ମାନଙ୍କର ଅର୍ଥନୀତିକୁ ପ୍ରଥମେ ସୁଦୃଢ଼ କରାଯିବା ଉଚିତ୍। ଦଳମତ ନିର୍ବିଶେଷରେ ସମସ୍ତଙ୍କ ନିକଟରେ ଜନ ହିତକର ଯୋଜନା ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭାପତି ଶ୍ରୀ ମନୋଜ କୁମାର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗାଁ ର ବିକାଶ ରେ ଦେଶ ବିକାଶ ସମ୍ଭବ ବୋଲି କହିଥିଲେ।

ଏହି ଉତ୍ସବରେ ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଜେ ସୋନାଲ ପଞ୍ଚାୟତିରାଜ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ ସହ ତୃଣମୂଳ ସ୍ତରରେ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ର ଉନ୍ନତି ନିମନ୍ତେ ପଞ୍ଚାୟତିରାଜ ବ୍ୟବସ୍ଥା ସାଧନ ବୋଲି କହିଥିଲେ।କରିଥିଲେ। ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ ପିଲ୍ଲେ ସଭାରେ ଅଧ୍ୟକ୍ଷତା କରିବା ସହ ଶେଷ ରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାରେ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପାଇଁ ବ୍ଲକ୍ ଓ ଗ୍ରାମ ପଞ୍ଚାୟତମାନଙ୍କୁ ସମ୍ମାନିତ କରାଯାଇଛି ।ରୁରାଲ୍ ହାଉସିଂ (RH) ଯୋଜନାରେ ବିରିଡି ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନରେ ରହିଛି । ଗଏଘଜରଏଝ ଯୋଜନାରେ ବାଲିକୁଦା ବ୍ଲକ୍ ପ୍ରଥମ ଏବଂ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନ ପାଇଛି । SBM(ଏ) ଯୋଜନାରେ ରଘୁନାଥପୁର ବ୍ଲକ୍ ପ୍ରଥମ ଏବଂ କୁଜଙ୍ଗ ବ୍ଲକ୍ ଦ୍ୱିତୀୟ ସ୍ଥାନରେ ରହିଛି ।ଜୀବିକା ମିଶନ ରେ ତିର୍ତ୍ତୋଲ ବ୍ଲକ୍ ପ୍ରଥମ ଏବଂ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଲକ୍ଷପତି ଦିଦି ସୃଷ୍ଟି ଯୋଜନାରେ ରଘୁନାଥପୁର ବ୍ଲକ୍ (୯୦% ଟାର୍ଗେଟ୍ ପୂରଣ) କରି ପ୍ରଥମ ଏବଂ ବାଲିକୁଦା ବ୍ଲକ୍ (୮୨% ଟାର୍ଗେଟ୍ ପୂରଣ) କରି ଦ୍ୱିତୀୟ ସ୍ଥାନରେ ରହିଛି ।

# ଭାରତୀୟ ନ୍ୟାୟ ସଂହିତା ଦିବସ ପାଳିତ




**ଖୋର୍ଦ୍ଧା, ୨୬।୪ (ନି.ପ୍ର) :** ଭାରତୀୟ ନ୍ୟାୟ ସଂହିତା ରେ ନୂଆ ନୂଆ ଆଇନ ଏବଂ ଦଫା ସଂଯୋଗ କରାଯାଉଛି। ଏହି ସଂହିତା ସମ୍ପର୍କ ରେ ଜନ ସାଧାରଣ ଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୋଲିସ ବିଭାଗ ତରଫ ରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପୋଲିସ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ଙ୍କ ପରାମର୍ଶ ରେ ଆଦର୍ଶ ଥାନା ଖୋର୍ଦ୍ଧା ଏବଂ ସିଗମା ପବ୍ଲିକ ସ୍କୁଲ ର ମିଳିତ ସହଯୋଗ ରେ ସ୍କୁଲ ରେ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ମାନଙ୍କୁ ନେଇ ଭାରତୀୟ ନ୍ୟାୟ ସଂହିତା ଦିବସ ସମ୍ପର୍କ ରେ ଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ଙ୍କ ପୌରହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ପୋଲିସ ସବ୍ ଇନ୍ସପେକ୍ଟର ସସ୍ମିତା ବେହେରା , ଏ ଏସ ଆଇ, ସୁଶାନ୍ତ ମଲ୍ଲିକ, କୁଳମଣି ହେମ୍ବ୍ରମ , ପ୍ରମୁଖ ଯୋଗ ଦେଇ ନୂତନ ନ୍ୟାୟ ସଂହିତା ସମ୍ପର୍କ ରେ ପ୍ରତିପାଦନ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ମଧ ରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ ଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ କୁମାର ଖୁଣ୍ଟିଆ, ଦୀପ୍ତି ରଞ୍ଜନ ରଣା ପ୍ରମୁଖ ପରିଚାଳନା କରିଥିଲେ। ବକ୍ତୃତା ରେ ବିଷ୍ଣୁ ପ୍ରସାଦ ସେଠୀ ଏବଂ ପ୍ରବନ୍ଧ ରେ ତୃପ୍ତିମୟୀ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସ୍କୁଲ ର ଉପାଧକ୍ଷ ତୁଷାର ରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୋଲିସର ପ୍ରସ୍ତୁତି ସମୀକ୍ଷା

**ପୁରୀ, ୨୬।୪ (ନି.ପ୍ର):** ଆସନ୍ତା ୨୯.୦୬.୨୦୨୬ ତାରିଖରେ ହେବାକୁ ଯାଉଥିବା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ସୁରକ୍ଷା, ଯାତାୟାତ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଓ ଆପତ୍କାଳୀନ ସେବା ସମ୍ପର୍କିତ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ସମ୍ପର୍କରେ ଆଜି ଆଇପିସିଆର (ଓଟଓଜ) ର ଏକ ସମୀକ୍ଷା ହୋଇଥିଲା। ଏହି ସମୀକ୍ଷାରେ ପୁରୀ ଏସପି ଶ୍ରୀ ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଏସ୍ପି ଶ୍ରୀ ଦେବ ପ୍ରତାପ, ସିଟି ଡିଏସପି ଶ୍ରୀ ରସ୍ମିରଞ୍ଜନ ମହାପାତ୍ର, ଡିଏସପି ମିସ୍ କଳ୍ପନା କାଉରୀ, ଟାଉନ ଆଇଆଇସି ଶ୍ରୀ ଗୋକୁଳ ରଞ୍ଜନ ଦାସ ଓ ଆଇପିସିଆର ଆଇଆଇସି ଶ୍ରୀମତୀ ସସ୍ମିତା ଧଳ ଆରାଇ ଶ୍ରୀ ଚିତ୍ତରଞ୍ଜନ ମହାନ୍ତି ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୧୧୨ ଆପତ୍କାଳୀନ ସେବା ମନିଟରିଂକୁ ଆହୁରି ସକ୍ରିୟ କରାଯିବା ସିସିଟିଭି ମାଧ୍ୟମରେ ରିଆଲ୍-ଟାଇମ ନିରୀକ୍ଷଣ ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯିବା ଶ୍ରୀମନ୍ଦିର ଓ ତାହା ସଂଲଗ୍ନ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ପାଇଁ ବିଶେଷ ପ୍ରସ୍ତୁତି, ଯାତାୟାତ ବ୍ୟବସ୍ଥାକୁ ସୁଚାରୁ ରଖିବା ପାଇଁ ଟ୍ରାଫିକ ପ୍ଲାନ ପ୍ରସ୍ତୁତି, ପର୍ଯ୍ୟଟକ ଓ ଭକ୍ତମାନଙ୍କ ସୁରକ୍ଷା ପାଇଁ ପୋଲିସ ଫ୍ରେଜେନ୍ସ ବୃଦ୍ଧି ବିଭିନ୍ନ ବିଭାଗ ସହ ସମନ୍ୱୟ ସୃଷ୍ଟି କରି ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ନିଶ୍ଚିତ



କରାଯିବା ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଦେବସ୍ନାନ ପୂର୍ଣ୍ଣିମା ସମୟରେ ବହୁ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକ ପୁରୀକୁ ଆସିବେ। ତେଣୁ ସମସ୍ତ ବ୍ୟବସ୍ଥାକୁ ସମୟମଧ୍ୟରେ ସଂପୂର୍ଣ୍ଣ କରି ସୁରକ୍ଷିତ ଓ ସୁଚାରୁ ଉତ୍ସବ ପାଳନ ନିଶ୍ଚିତ କରାଯିବା ଆବଶ୍ୟକ। ସେ ଆହୁରି କହିଥିଲେ ଯେ, ଆଇପିସିଆର ମାଧ୍ୟମରେ ସମସ୍ତ କାର୍ଯ୍ୟକଳାପର ନିରନ୍ତର ମନିଟରିଂ ହେବା ସହ ଯେକୌଣସି ଆପତ୍କାଳୀନ ପରିସ୍ଥିତିରେ ୧୧୨ ସେବା ଦ୍ୱାରା ତୁରନ୍ତ ସହଯୋଗ ଯୋଗାଇ ଦିଆଯିବ। ପୁରୀ ପୋଲିସ ସମସ୍ତ ଭକ୍ତ ଓ ସାଧାରଣ ଲୋକଙ୍କୁ ଅନୁରୋଧ କରୁଛି ଯେ, ପୋଲିସ ଦ୍ୱାରା ଜାରି ହେବାକୁ ଯାଉଥିବା ନିୟମାବଳୀ ଓ ନିର୍ଦ୍ଦେଶକୁ ମାନି ଶାନ୍ତିପୂର୍ଣ୍ଣ ଭାବରେ ଉତ୍ସବକୁ ସଫଳ କରିବାରେ ସହଯୋଗ କରନ୍ତୁ।

# ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କର ସାଧାରଣ ସଭା ଓ ବାର୍ଷିକ ବଜେଟ୍ ଗୃହୀତ

**ବ୍ରହ୍ମପୁର, ୨୬।୪ (ମନ୍ଥନ):** ସ୍ଥାନୀୟ ଅନ୍ନପୂର୍ଣ୍ଣା ମାର୍କେଟ ରୋଡ ସ୍ଥିତ ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ ପରିସରରେ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ବ୍ୟାଙ୍କର ୧୨୦ତମ ବର୍ଷ ପୂର୍ତ୍ତି ଅବସରରେ ଏକ ସାଧାରଣ ସଭା ତଥା ଚଳିତ ବର୍ଷର ବଜେଟ୍ ଉପସ୍ଥାପନ ହୋଇଥିଲା । ବ୍ୟାଙ୍କ ସଭାପତି ଶ୍ରୀ ଆର୍ ମୁରଲୀ ମୋହନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସହ ସମ୍ପାଦକ ଶ୍ରୀ ଶଙ୍କର ପ୍ରସାଦ ପାଣିଗ୍ରାହୀ ଆସନ୍ତା ଆର୍ଥିକ ବର୍ଷ ତଥା ୨୦୨୬-୨୭ ବର୍ଷର ବଜେଟ୍ ଉପସ୍ଥାପନ କରିଥିବା ବେଳେ, ୨୦୨୩-୨୪ ଓ ୨୦୨୪-୨୫ ର ବାର୍ଷିକ ବିବରଣୀକୁ ପାଠ କରିଥିଲେ । ତେବେ ସୂଚନା ଅନୁସାରେ



ଗତ ଆର୍ଥିକ ବର୍ଷରେ ଆୟ ୬,୮୬,୯୫,୩୬୫ ଥିବା ବେଳେ, ଖର୍ଚ୍ଚ ୬,୫୦,୬୩,୩୭୯ ହୋଇଥିବା ବେଳେ, ଲାଭ ଅର୍ଥ ୨୬,୩୧,୯୮୬ ଟଙ୍କା ରହିଛି ବୋଲି ମାନ୍ୟବର ସଭାପତି ଶ୍ରୀ ମୁରଲୀ ମୋହନ କହିଛନ୍ତି । ଏହି ଅବସରରେ ସଦସ୍ୟ ମାନଙ୍କ ତରଫରୁ ବ୍ୟାଙ୍କର କାର୍ଯ୍ୟରତ ବିଲ୍ଡିଂକୁ ଶୀଘ୍ରରୁ ଅତି ଶୀଘ୍ର ତିଆରି କରିବା ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ, ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶକ ବୃନ୍ଦ ମାନେ ଉପସ୍ଥିତ ରହି ବ୍ୟାଙ୍କର ଅନ୍ୟାନ୍ୟ ଅତ୍ୟାବଶ୍ୟକ ବିଷୟରେ ଉପରେ ପ୍ରସ୍ତାବ ଦେବା ସହ ବହୁ କାର୍ଯ୍ୟର ତୁରନ୍ତ ସମ୍ପୂର୍ଣ୍ଣ ପାଇଁ ଦାବି କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ଜୋନ୍ ର ପରିଚାଳନା ପରିଷଦ ଉପ-ସଭାପତି ଶ୍ରୀମତୀ ଜ୍ୟୋତି ସୁବୁଦ୍ଧିଙ୍କ ସମେତ ନିର୍ଦ୍ଦେଶକ ଶ୍ରୀ ପ୍ରକାଶ ଚନ୍ଦ୍ର ମହାରଣା, ଶ୍ରୀମତୀ ପ୍ରମିତା କୁମାରୀ ବେହେରା, ଶ୍ରୀ ଟି. କିଶୋର କୁମାର ପାତ୍ର, ଶ୍ରୀ ସନାତନ ସାହୁ, ଶ୍ରୀମତୀ ଅଞ୍ଜନା କୁମାରୀ ସୁବୁଦ୍ଧି, ଶ୍ରୀ ପି. ଦୀପକ କୁମାର ଯାଦବ, ଶ୍ରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଶ୍ରୀମତୀ ଲିଲି କୁମାରୀ ବେହେରା, ଶ୍ରୀ ରବିନ୍ଦ୍ର ନାଥ ସେଠୀ, ଶ୍ରୀ ଭାଗିରଥୀ ଚୌଧୁରୀ, ଶ୍ରୀମତୀ କୁରି କୁମାରୀ ଦାଶ, ଶ୍ରୀମତୀ ସରିତା କୁମାରୀ ସାହୁ, ଶ୍ରୀମତୀ ରତ୍ନଗର୍ଭା ସରସ୍ୱତୀ ଦେବୀ, ଶ୍ରୀ ପ୍ରଭାତ କିରଣ ଷଡଙ୍ଗୀ ପ୍ରମୁଖ ସଦସ୍ୟ ବୃନ୍ଦ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଋଣ ଗ୍ରାହକ ଓ ଗ୍ରହଣ ମାନେ ମଧ ଯୋଗଦେଇ ଥିବା ବେଳେ, କାର୍ଯ୍ୟକ୍ରମକୁ ସହ ସମ୍ପାଦକ ଶ୍ରୀ ପାଣିଗ୍ରାହୀଙ୍କ ପରିଚାଳନାରେ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଶ୍ରୀ ଜୀଉଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ



**ବାଲିଅନ୍ତା, ୨୬ / ୪ (ନି.ପ୍ର):** ଆଜି ସନ୍ଧ୍ୟାରେ ସୁଦର୍ଶନ ଦାରୁ ପୀଠକୁ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡ ପ୍ରିୟଙ୍କା ମାରାଣ୍ଡି ଗସ୍ତରେ ଆସି ଜଗନ୍ନାଥ ଦର୍ଶନ କରିଥିଲେ। ଗୋଟି ପହଣ୍ଡି ପୂର୍ବରୁ ଶ୍ରୀମତୀ ମାରାଣ୍ଡି ସାଢେ ୬ଟାରେ ପହଞ୍ଚି ଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ମତୀ ମାରାଣ୍ଡିଙ୍କୁ ପଞ୍ଚାୟତ ଏବଂ ମନ୍ଦିର ଟ୍ରଷ୍ଟ କାର୍ଯ୍ୟକର୍ତା ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ମନ୍ଦିର ସିଂହାସନରେ ସୁଦର୍ଶନ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରିଥିଲେ। ମନ୍ଦିର ଭିତରେ ବିଭିନ୍ନ ପାର୍ଶ୍ୱ ଦେବଦେବୀ ନବଗ୍ରହ ଦଶାବତାର ମୂର୍ତ୍ତି ଦର୍ଶନ କରିବା ସହ ଗୋଟି ପହଣ୍ଡିରେ ଆସୁଥିବା ଜଗନ୍ନାଥ ଦର୍ଶନ କରିଥିଲେ।

# ଶିକ୍ଷକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

**ନବରଙ୍ଗପୁର, ୨୬।୪ (ନି.ପ୍ର):** ସେବାଶ୍ରମ ସ୍କୁଲ ସପ୍ତମ ଶ୍ରେଣୀ ଛାତ୍ରୀ ଙ୍କୁ ପ୍ରଧାନଶିକ୍ଷକ ଙ୍କ ଦ୍ୱାରା ଅସାଦାଚରଣ ଅଭିଯୋଗ, ନବରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଙ୍କ ନିକଟରେ ଅଭିଯୋଗ କଲେ ପୀଡିତା।ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଏକ ସେବାଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଙ୍କ ବିରୋଧରେ ଅଭିଯୋଗ ଆଣିଲେ ଛାତ୍ରୀ ତାଙ୍କ ପରିବାର,ବିଜେଡି ନେତା ପ୍ରଦୀପ ମାଝୀ ଙ୍କ ସହିତ ପରିବାର ସଦସ୍ୟ ନବରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରେ ଏତଲା ଦାୟର କରିଛନ୍ତି । ଗତ ଏପ୍ରିଲ ୧୫ ତାରିଖ ରାତି ସ୍କୁଲ ର ୫ ଜଣ ଛାତ୍ରୀ ଢଜଝ ପିଇବା ପାଇଁ ତାଙ୍କ କୋଠରୀ କୁ ସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ ଷଡଙ୍ଗୀ ଡାକିଥିଲେ,ଅନ୍ୟ ଚାରି ଜଣଙ୍କୁ କିଛି କରି ନ ଥିବା ବେଳେ ପୀଡିତା ଛାତ୍ରୀ ଙ୍କୁ ହାତ ଧରି ଟାଣିଥିଲେ ଏବଂ ରୁମ ଭିତରକୁ ଡାକି ଝିଅ ର ଦେହର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ କୁ ଛୁଇଁବା ସହିତ ଟଣା ଓଟରା



କରିଥିଲେ।ଏହା ସହ ପଣା ସଂକ୍ରାନ୍ତି ରେ ପୂଜା ସମୟରେ ମଧ୍ୟ ଅସଦାଚରଣ କରିଥିଲେ, ଅନ୍ୟ ଅନ୍ତେବାସୀ ଙ୍କୁ ଅସଦାଚରଣ କରୁଛନ୍ତି ଓ ଗୋଇଠା ମାରନ୍ତି,ଏ ସମ୍ବନ୍ଧରେ ପିଡ଼ିତା ଓ ତାଙ୍କ ପରିବାର ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ କେବଳ ବଦଳି କରାଯାଇଥିବା ଅଭିଯୋଗ କରିଛନ୍ତି ପୀଡିତା ଛାତ୍ରୀ । ପରିଶେଷରେ ବାଧ୍ୟ ହୋଇ ନ୍ୟାୟ ପାଇଁ ନବରଙ୍ଗପୁର ଥାନା ରେ ଏତଲା ଦାୟର କରିଥିବା ପ୍ରକାଶ କରିଛନ୍ତି । ପୀଡିତା ଛାତ୍ରୀ ଙ୍କ ସହ ବିଜେଡି ନେତା ପ୍ରଦୀପ ମାଝୀ ଙ୍କ ସହ ନବରଙ୍ଗପୁର ଥାନା କୁ ଯାଇ ଝଉଚଡ କୃଷ୍ଣଚନ୍ଦ୍ର ଭତ୍ରା ଙ୍କ ନିକଟରେ ଏତଲା ଦାୟର କରିଛନ୍ତି ଏବଂ ପ୍ରଧାନଶିକ୍ଷକ ଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଅପରପକ୍ଷରେ ଆଦିବାସୀ ଉନ୍ନୟନ ବିଭାଗ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଇସ୍ତଫା ଦାବି କରିଛନ୍ତି ବିଜେଡି ନେତା ପ୍ରଦୀପ ମାଝୀ । ଅପରପକ୍ଷରେ ଏତଲା ଦାୟର ହୋଇଥିବା ବେଳେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବା ନେଇ ସୂଚନା ଦେଇଛନ୍ତି ନବରଙ୍ଗପୁର ଝଉଚଡ କୃଷ୍ଣଚନ୍ଦ୍ର ଭତ୍ରା । ଅପରପକ୍ଷ ରେ ଏ ଘଟଣା ସହିତ ଜଡିତ ପ୍ରତ୍ୟେକ ବ୍ୟକ୍ତି ଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଲୋକେ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଗଣମାଧ୍ୟମ ରେ ଚର୍ଚ୍ଚା ରେ ରହିବା ପାଇଁ ପ୍ରଦୀପ ଏଭଳି ଇସ୍ତଫା ଦାବି କରି ବସିଥିବା କହିଛନ୍ତି ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

# ୪୦.୬ ଡିଗ୍ରୀ ତାପମାତ୍ରା : ଫୁଲବାଣୀରେ ଜନଜୀବନ ଅସ୍ତବ୍ୟସ୍ତ

**କନ୍ଧମାଳ, ୨୬।୪ (ନି.ପ୍ର) :** କନ୍ଧମାଳ ଜିଲ୍ଲାର ଫୁଲବାଣୀ ସହରରେ ତାପମାତ୍ରା ୪୦.୬ ଡିଗ୍ରୀ ସେଲସିଅସ୍ ?କୁ ଛୁଇଁଥିବାରୁ ଜନଜୀବନ ପ୍ରଭାବିତ ହୋଇଛି। ଦିନ ୧୨ଟା ପରେ ରାସ୍ତାଘାଟ ଶୂନଶାନ ଦେଖିବାକୁ ମିଳୁଛି ଏବଂ ପ୍ରଚଣ୍ଡ ରୌଦ୍ରତାପରେ ସହର ଜଳୁଥିବା ଅନୁଭବ ହେଉଛି।

ଜିଲ୍ଲାରେ ପ୍ରାୟ ୬୨ ପ୍ରତିଶତ ସବୁଜ ଜଙ୍ଗଲ ଥିଲେ ମଧ୍ୟ ଏପରି ଅସହ୍ୟ ଗରମ ଲୋକଙ୍କୁ ଚିନ୍ତିତ କରିଛି। ପୂର୍ବତନ ଡିଏଫଓ ରିବିକା ନାୟରଙ୍କ ମତାନୁସାରେ, ପରିବେଶୀୟ ସମତୁଳନ ଭଙ୍ଗ ହେବା ଏହାର ପ୍ରମୁଖ କାରଣ ହୋଇପାରେ।

ସହରରେ ମୁନିସିପାଲିଟି କିମ୍ବା ସ୍ୱେଚ୍ଛାସେବୀ ସଂଗଠନଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ଜଳଛତ୍ର ବ୍ୟବସ୍ଥା ହୋଇନଥିବାରୁ ଲୋକମାନେ ଅସୁବିଧାରେ ପଡୁଛନ୍ତି। ଅନ୍ୟାନ୍ୟ ଜିଲ୍ଲାରେ ସ୍କୁଲ-କଲେଜ ବନ୍ଦ ହୋଇଥିବା ସତ୍ତ୍ୱେ ଏଠାରେ ଏପରି କୌଣସି ସିଦ୍ଧାନ୍ତ ନ ନେଇଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଓଡ଼ିଶାର କାଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡ଼ିରେ ମଧ୍ୟ ଏବେ ତାପମାତ୍ରା ବଢ଼ିଛି, ଯେଉଁଠାରେ ତୁମୁଡିବନ୍ଧରେ ପାରଦ ୩୮ ଡିଗ୍ରୀରେ ରହିଛି। ଏହି ତୀବ୍ର ଗରମ ମଧ୍ୟରେ ତରଭୁଜ ବ୍ୟବସାୟ ଭଲ ଚାଲିଥିବା ଦେଖିବାକୁ ମିଳୁଛି।

ଗରମରୁ ରକ୍ଷା ପାଇବା ପାଇଁ ଛାତ୍ରୀମାନେ ମୁହଁ ଓଢଣୀରେ ଢାକି ଯାଉଛନ୍ତି, ଯେତେବେଳେ ଗ୍ରାମାଞ୍ଚଳର ଲୋକମାନେ ଓ ମହିଳା ମାନେ ଗଛତଳେ ଆଶ୍ରୟ ନେଉଥିବା ଦେଖାଯାଉଛି। ସହରରେ ଶୀଘ୍ର ଜଳଛତ୍ର ଖୋଲିବାକୁ ଦାବି ଜୋରଦାର ହେଉଛି।

# ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ




**ଖୋର୍ଦ୍ଧା, ୨୬।୪ (ନି.ପ୍ର):** ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତା ର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଆରମ୍ଭ ହୋଇଅଛି। ପ୍ରାରମ୍ଭିକ ମ୍ୟାଚ୍ ରେ ବରଗଡ ଜିଲ୍ଲା ଦଳ କୋରାପୁଟ ଜିଲ୍ଲା ଦଳ କୁ ପରାସ୍ତ କରି ବିଜୟୀ ହୋଇଛି। ବରଗଡ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୪ ଓ୍ୱିକେଟ୍ ହରାଇ ଏଞ୍ଜେଲ ରାଜ ଙ୍କ ୫୭ ରନ୍ ଓ ଲିପସା ରଥ ଙ୍କ ୨୯ ରନ୍ ସହାୟତାରେ ୧୪୫ ରନ୍ କରିଥିଲେ। ପତ୍ୟୁତର ରେ କୋରାପୁଟ ଦଳ ୧୮.୫ ଓଭର ରେ ସମସ୍ତ ଓ୍ୱିକେଟ୍ ହରାଇ ମାତ୍ର ୮୧ ରନ୍ ରେ ସୀମିତ ରହିଥିଲା। ଦଳ ତରଫରୁ ସୁଧୃତି ରାଉତ ୨୫ ରନ୍ କରିଥିବା ବେଳେ ବରଗଡ ପକ୍ଷରୁ ଦେବାଂଶି, ଲୁଇସା ଦାଶ ଓ ଶ୍ରେୟା ପରମାଣିକ ପ୍ରତ୍ୟେକ ୩ ଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ। ପ୍ରାରମ୍ଭ ରେ ଏହି ଜୋନାଲ ମ୍ୟାଚ୍ କୁ ଖୋର୍ଦ୍ଧା ପୌରପରିଷଦର ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ର ପୂର୍ବତନ ଅଧିନାୟକ ଦେବୀ ଶଙ୍କର ପଣ୍ଡା ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ୍ ର ସଭ୍ୟ ବିବେକାନନ୍ଦ ବୋଷ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍ କୁ ପରିଚାଳନା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ମହିଳା ଜିଲ୍ଲା ଦଳର ଦିବ୍ୟାନ୍ସି ପଣ୍ଡା ଓ ସୌମ୍ୟା ପାଟଶାଣୀ ଙ୍କୁ ଜିଲ୍ଲା ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।ଅମ୍ପାୟର ରୂପେ ସତ୍ୟ ତ୍ରୀପାଠୀ, ରାଜେଶ ମହାପାତ୍ର ଓ ସ୍କୋରର ଭାବେ ବିଶାଳ ପରିଡ଼ା କାର୍ଯ୍ୟ କରିଥିଲେ।

# ବେଆଇନ୍ କାର୍ଯ୍ୟକୁ ବିରୋଧ କରି ପଦଯାତ୍ରା

**ପାରାଦ୍ୱୀପ/କୁଜଙ୍ଗ/ଏରସମା, ୨୬।୪ (ନି.ପ୍ର):** ଆସନ୍ତା ୨୬ ତାରିଖରେ ଜେଏସଡବ୍ଲୁ କମ୍ପାନୀର ବେଆଇନି କାର୍ଯ୍ୟଧାରାକୁ ବିରୋଧ କରି ସାଧାରଣ ଜନତାଙ୍କ ତରଫରୁ ଏକ ପଦଯାତ୍ରା ର ଆୟୋଜନ ହୋଇଥିଲା । ଏହି ପଦଯାତ୍ରା ଢ଼ିଙ୍କିଆସ୍ଥ ମା'ଫୁଲଖାଇଙ୍କ ମନ୍ଦିର ପ୍ରାଙ୍ଗଣରୁ ଶୁଭାରମ୍ଭ କରାଯାଇ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ନିକଟକରେ ଏକ ଦାବିପତ୍ର ପ୍ରଦାନ କରାଜିବ ବୋଲି ପଦଯାତ୍ରା ରେ ସାମିଲ ହେଉଥିବା ମୁରବୀ ମାନେ କହିଛନ୍ତି । ଉକ୍ତ ପଦଯାତ୍ରାକୁ ଭଣ୍ଡୁର କରିବା ପାଇଁ କମ୍ପାନୀ ଦ୍ୱାରା ପ୍ରାୟୋଜିତ ପ୍ରରୋଚନାରେ ସ୍ଥାନୀୟ ଅଭୟଚାନ୍ଦପୁର ପୋଲିସ ଦ୍ୱାରା ଢ଼ିଙ୍କିଆ ଚାରିଦେଶ ଅଞ୍ଚଳର ପ୍ରାକୃତିକ ପରିବେଶ ସୁରକ୍ଷା ପାଇଁ ସଂଗ୍ରାମ ଜାରିରଖିଥିବା ସମାଜସେବୀ ଭ୍ରମର ବର ଦାସଙ୍କୁ ହଠାତ ଆଜି ସକାଳୁ ଉଠାଇ ନେବା ଘଟଣାକୁ ସଙ୍ଗୀନ କରିଦେଇଛି । ଗଣତାନ୍ତ୍ରିକ ସରକାରରେ ଏଭଳି



ଅଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସୁଶାନ୍ତ ଶେଖର ସ୍ୱାଇଁ,ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ସଂଗ୍ରାମୀ ଗୌତମ ଦାସ, ସମାଜସେବୀ ଜିତେନ୍ଦ୍ର ପ୍ରସାଦ ଦାସ, ରମେଶ ପୁହାଣ, ମାନସ ଆଚାର୍ଯ୍ୟ, କୃଷ୍ଣ ଚନ୍ଦ୍ର ଦାସ, ପ୍ରିୟବ୍ରତ ନାୟକ, ଦେବାଶିଷ ମିଶ୍ର, ବୈରାଗୀ ବାରିକ, ସୁରେନ୍ଦ୍ର ସ୍ୱାଇଁ, ନଟବର ବିଶ୍ୱାଳ, ବିଜୟ ମନ୍ତ୍ରୀ ପ୍ରମୁଖ ଦୃଢ଼ ନିନ୍ଦା କରବାସହ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ଖୁଲମ ଖୁଲା କହିଥିଲେ ।

# କୁଚିଣ୍ଡାରେ ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ




**କୁଚିଣ୍ଡା, ୨୬।୦୪ (ନି.ପ୍ର.):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଟାଉନ ହଲଠାରେ ଶୁକ୍ରବାର ସନ୍ଧ୍ୟାରେ କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସରୱନନ୍ ସ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ,ଉପାଧ୍ୟକ୍ଷା ରଶ୍ମିତା ନାଏକ,ଏମପି ପ୍ରତିନିଧି ରୁଦ୍ର ପ୍ରତାଓ ଦେଓ, ବିଧାୟକଙ୍କ ପ୍ରତିନିଧି ସୁଶିଳ କର, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଜାତୀୟ ପଞ୍ଚାୟତିରାଜ ଦିବସ ସମ୍ପର୍କରେ ସୂଚନା ଦେବାସହ ସମ୍ବିଧାନର ୭୩ତମ ସଂଶୋଧନ ଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହୋଇ ଗ୍ରାମାଞ୍ଚଳର ବିକାଶକୁ ଦ୍ୱିଗୁଣିତ କରିଥିା କହିଥିଲେ।ଏହାଛଡା ଏହି ଦିନଟି ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ମହାନପର୍ବ ବୋଲି କହି ପ୍ରତ୍ୟେକଟି ସରକାରୀ କାର୍ଯ୍ୟକ୍ରମରେ ମମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ସେମାନେ କହିଥିଲେ। ଏହି ଅବସରରେ ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।ପରେ ମୁଖ୍ୟମନ୍ତ୍ରୀଙ୍କ ଆଭାସୀର ସିଧାପ୍ରସାରଣ ଉପସ୍ଥିତ ଜନସାଧାରଣଙ୍କ ପାଇଁ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ୧୬୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ସହ ୧୦ ଜଣଙ୍କୁ ଶ୍ରମିକ କାର୍ଡ ଓ ୩୨ ଜଣଙ୍କୁ ବିଭିନ୍ନ ଭତ୍ତା ବଣ୍ଟନ କରାଯାଇଥିଲା।ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କୁକୁଡ଼ାଖଣ୍ଡି ସରକାରୀ ବିଦ୍ୟାଳୟରୁ ନାଗସାପ ଉଦ୍ଧାର

କୁକୁଡ଼ାଖଣ୍ଡି,୨୬।୪(ନି.ପ୍ର.):: କୁକୁଡ଼ାଖଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବିରାଟ ନାଗସାପ ଉଦ୍ଧାର ହୋଇଛି। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସନ୍ଦୀପ ସେଠୀ ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସୂଚନା ମୁତାବକ, ଶନିବାର ସକାଳେ ଜଣେ ଶିକ୍ଷକ ସ୍କୁଲ ଶୌଚାଳୟ ବ୍ୟବହାର କରିବାକୁ ଯାଉଥିଲେ। ଏହି ସମୟରେ ଶୌଚାଳୟ ଗେଟ୍ ନିକଟରେ ନାଗ ସାପଟି ବୁଲୁଥିଲା । ସ୍କୁଲର ପ୍ରଧାନ ଶିକ୍ଷକ ସାପକୁ ଉଦ୍ଧାର କରିବା ପାଇଁ ସ୍ନେକ ହେଲପ ଲାଇନକୁ ଯୋଗାଯୋଗ କରିଥିଲେ । ସନ୍ଦୀପ ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ଉଦ୍ଧାର ନାଗ ସାପଟିର ଲମ୍ବା ୫ ଫୁଟ ହୋଇଥିବା ବେଳେ ବନ ବିଭାଗର ପରାମର୍ଶକ୍ରମେ ତାକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବା ସନ୍ଦୀପ କହିଛନ୍ତି।



# ଉତପ୍ତ ଖରାରେ ଜଳୁଛି ସହ ସହ ଇଟାଭାଟି, ଜନସାଧାରଣ ହନ୍ତସନ୍ତ

ଯାଜପୁର:୨୬।୪(ନି.ପ୍ର.): ଯାଜପୁର ବଢ଼ୁଛି ତାତି ଛଟପଟ ଜନଜୀବନ। ତାତି ରୁ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ। ଆଉ ଏଭଳି ସମୟରେ ପୋଡ଼ା ଯାଉଥିବା ବେଆଇନ ଇଟାଭାଟି ଆହୁରି ଯନ୍ତ୍ରଣା ବଢାଇ ଦେଉଛି । ଏମିତିକି ପ୍ରଶାସନ ର ନାକ ତଳେ ଚାଲିଛି ବେଆଇନ ଇଟାଭାଟି କାରବାର । ଗୋଟିଏ କି ଦୁଇଟି ନୁହେଁ ସହ ସହ ଇଟାଭାଟି ରେ ନିଆଁ ଲଗାଇ ବ୍ୟବସାୟ କରୁଛନ୍ତି କିଛି ମୁନାଫା ଖୋର ବ୍ୟବସାୟ। ଫଳରେ ପରିବେଶ ପ୍ରଦୂଷିତ ହେବା ସହ ତାପ ମାତ୍ରାରେ ବୃଦ୍ଧି ଘଟି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସବୁ ଜାଣି ଇଟା ବ୍ୟବସାୟ ଙ୍କ ଠାରୁ ନାଁକୁ ମାତ୍ର ଜୋରିମାନା ର ରସିଦ୍ କାଟି ବସିପଡୁଛନ୍ତି ତହସିଲଦାର। ହେଲେ ଇଟା ଭାଟି ବନ୍ଦ କରିବାର ଦିଗରେ କାହାରି ନଜର ନାହିଁ। ତେବେ ଏଭଳି ପରିସ୍ଥିତି ରେ ପୋଡ଼ା ଯାଉଥିବା ଇଟାଭାଟି ବନ୍ଦ ନହେବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ସହର ବାସି। ଖୁଲମ୍ ଖୁଲା ଚାଲିଛି ଇଟାଭାଟି ।

ପ୍ରଶାସନିକ ଅଧିକାରୀ ଙ୍କ ଆଖିଆଗରେ ତିଆରି ହେଉଛି ନାଲି ଇଟା। ଗାଁ ଗାଁ ରେ ଗଢା ହେଉଛି ବେଆଇନ୍ ଇଟା। ପରିବେଷ ପ୍ରଦୂଷଣ ପ୍ରତି ନାହିଁ ଖାତିର। ଉତପ୍ତ ବଳୟ ପାଲଟିଛି ଯାଜପୁର ସହର । ଯାଜପୁର ଜିଲ୍ଲାରେ ଛତୁ ଫୁଟିଲା ପରି ଗଢା ହେଉଛି ଇଟାଭାଟି। ଜିଲ୍ଲା ଭିତରେ ପ୍ରବେଶ କରୁ କରୁ ରାସ୍ତା କଡ଼ରେ ସହ ସହ ବେଆଇନ୍ ଇଟାଭାଟି ।ଏବେ ପାରଦ ୪୦ ତଳକୁ ଖସିବାର ନାଁ ଧରୁନି । ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଲୋକଙ୍କ ସାଧାରଣ ଜୀବନ ଚର୍ଯ୍ୟାକୁ ଅସ୍ତବ୍ୟସ୍ତ କରିଦେଲାଣି । ଗରମ ଠାରୁ ରକ୍ଷା ପାଇବା ପାଇଁ ମଣିଷ ଠାରୁ ପଶୁ ପକ୍ଷୀ ସମସ୍ତେ ଖୋଜି ଥାଆନ୍ତି ଛାଇ ଆଉ ଜଳାଶ୍ରୟ । ଆଉ ଏହାରୀ ଭିତରେ ଗରମକୁ ଦୁଇ ଗୁଣିତ କରିଦେଉଛି ଯାଜପୁର ସହରରେ ବେଆଇନ ଭାବେ ତିଆରି ହେଉଥିବା ଇଟାଭାଟି ନିଆଁ ।

ମୃତିକା ସଂଗ୍ରକ୍ଷଣ ଓ ପରିବେଶ ସନ୍ତୁଳନ କୁ ଆଖିଆଗରେ ରଖି ଏହି ମାଟିରେ ତିଆରି ଇଟା ଭାଟି କୁ ବେଆଇନ ଭାବେ ଘୋଷଣା କରାଯାଇଛି । ଯାଜପୁର ତହସିଲ୍ କାର୍ଯ୍ୟାଳୟ ଠାରୁ ମାତ୍ର ୩ କିଲୋ ମିଟର ଦୂରତା ରେ ଯେମିତି ଇଟା ଭାଟି ଲଗାଯାଉଛି ତା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି । ଯାଜପୁର ଅଂଚଳ ର ଖଇରାବାଦ ମଙ୍ଗଳପୁର ଛକ ଠାରୁ ମାଧ ପୁର ଦୀର୍ଘ ୬ କିଲୋ ମିଟର ବନ୍ଧ ରାସ୍ତାରେ ସହ ସହ ଇଟାଭାଟି ବିଦ୍ୟାଧରପୁର୍ , ଚଇନିପୁର୍ , ଟିପରା ,ମତାବାଜ୍ , ରୁଢ଼ିଆ, ମାଆଳନ୍ଦ୍ ପୁର ,ଏମିତି କି ମାଧ ପୁର ଆରାଇ ଅଫିସ କାର୍ଯ୍ୟାଳୟ ନିକଟରେ ବର୍ଷ ତମାମ ବେଆଇନ ଭାବେ ଇଟାଭାଟି ଚାଲିଛି। ଫଳରେ ଧୂଆଁ ଓ ତାତି ରେ ଅତିଷ୍ଠ ହୋଇପଡ଼ିଛନ୍ତି ଯାଜପୁର ବାସି । ସେପଟରେ ପକାଇଥିବା ଇଟା ଭାଟି



ମାଲିକ କହିଛନ୍ତି ଆମେ ରସିଦ କାଟି ଇଟା ପକାଉଛୁ। ସେପଟରେ ହୁତ୍ ହୁତୁ ହୋଇ ଜଳିବାର ଲାଗିଚି ଇଟା ଭାଟି । ସେ ପୁଣି ଗାଁ ଭିତର ଘର ପାଖରେ । ଆଉ ଏ ପଟରେ ଟିକେ ନଜର ପକାନ୍ତୁ ରାସ୍ତା କଡ଼ରେ କିପରି ଧାଡ଼ି ହୋଇ ଠିଆ ହୋଇଛି ଇଟାଭାଟି । ସେପୁଣି ଦିନ ଦିପହରେ ।ଇଟା ପୋଡ଼ା ଯିବା ସହ ଟ୍ରକ ଆଉ ଟ୍ରାକ୍ଟର ସାହାଯ୍ୟରେ ବୁହା ଚାଲିଛି ।ସବୁଦିନ ଏପରି କାମ ଚାଲିଥିବା ବେଳେ ନାଁ ତାଉପରେ ରୋକିବାକୁ କିଏ ଅଛି ନାଁ ଏମାନଙ୍କ ର କୌଣସି ଅଧିକାରୀ ଙ୍କ ପ୍ରତି ଭୟ ରହିଛି । ଜିଲ୍ଲାର ବିବିଭ୍ନ ସ୍ଥାନରେ ରହିଛି ଏପରି ଏକାଧିକ ଇଟାଭାଟି । ରାଜ୍ୟସରକାର ଏହି ନାଲି ଇଟାକୁ ବେଆଇନ୍ ଭାବେ ଘୋଷଣା କରିଛନ୍ତି । ହେଲେ ଏଭଳି ମାଫିଆ ମାନେ କାହାରିକୁ ଡର ନାହିଁ । ସେପଟରେ ଉଦି ଉଦିଆ ଖରା ସାଙ୍ଗକୁ ଇଟାଭାଟି ଧୂଆଁ ଅସ୍ତବେସ୍ତ କରିଦେଉଛି ।

ଅନ୍ୟପଟେ ନାଁ କୁ ମାତ୍ର ଫାଇନ୍ କାଟି ଚୁପ୍ ବସିଯାଉଥିବା ଅଭିଯୋଗ ହୋଇଛି ।ଇଟାଭାଟି ମାଫିଆ ଓ ଆରାଆଇ ସହ ତହସିଲ୍ ଦାରଙ୍କ ମଧୁ ଚନ୍ଦ୍ରିକା ରେ ଏଭଳି ବେଆଇନ୍ ଇଟାଭାଟି ପୋଡ଼ା ଯାଉଥିବା ଅଭିଯୋଗ କରିଛନ୍ତି ଯାଜପୁର ବାସି ।ଅନ୍ୟପଟେ ବେଆଇନ୍ ଇଟାଭାଟି ପକାଉଥିବା ମାଫିଆ ମାନେ କିପରି ସଫେଇ ଦେଉଛନ୍ତି । ଆଉ ଆରଆଇ ଓ ତହସିଲ୍ ଦାର ଙ୍କ ଜଣାତରେ ଇଟାଭାଟି ପୋଡୁଥିବା କହିଛନ୍ତି କିଛି ଇଟାଭାଟି ମାଲିକ । ସେପଟରେ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନଙ୍କୁ ପଚାରିବାରୁ ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲା ଜିଲ୍ଲା ପ୍ରଶାସନ ଅଧିକାରୀ ।

# କୁକୁଡ଼ାଖଣ୍ଡିରେ ଜାତୀୟ ପଂଚାୟତ ରାଜ ଦିବସ ପାଳିତ



କୁକୁଡ଼ାଖଣ୍ଡି,୨୬।୪(ନି.ପ୍ର.):: କୁକୁଡ଼ାଖଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଡ଼.ପଲ୍ଲବୀ ସ୍ୱାଇଁଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ, ବିଇଓ ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଶୁଭ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଥମେ ବିଡ଼ିଓ ଶ୍ରୀମତୀ ସ୍ୱାଇଁ ପଂଚାୟତରାଜ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଏହାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପରେ ଅତିଥିମାନେ ଗ୍ରାମୀଣ ଉନ୍ନୟନ ଏବଂ ପଂଚାୟତସ୍ତରରେ ବିକାଶ ହେଲେ ପ୍ରକୃତରେ ପଂଚାୟତ ସମିତି ଏକ ନମ୍ବର ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ୨୨ ଗୋଟି ପଂଚାୟତରୁ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଦ୍ୱୟ ଗୃହ ଯୋଜନାରେ ୮୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଂଟନ, ୨୨ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭର୍ତା,୬ଜଣ ହିତାଧିକାରୀଙ୍କୁ ରାସନ କାର୍ଡ଼ ବଂଟନ କରାଯାଇଥିଲା। ଗୃହ ପ୍ରତ୍ସାହନ ରାଶି ୨୦ ଏବଂ ୧୦ ହଜାର ୩ଜଣଙ୍କୁ ବଂଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ଏବିଡ଼ିଓ ସୁପ୍ରଭା ସାହୁ, ଏବିଇଓ ବସନ୍ତ କୁମାର ସେଠୀ, ସହକାରୀ ଯନ୍ତ୍ରୀ, ଅନୁରାଗ ରଥ, ସରପଂଚ ବଶିଷ୍ଟ କୁମାର ଜେନା, କ୍ରାନ୍ତି କୁମାରୀ ଦେବୀ, ରାଧାମୋହନ ସେଠୀ, ଅନିଲ ଗୌଡ଼, ଗୌରୀ ଗୌଡ଼, ସସ୍ମିତା ସାହୁ, ଶଶି ବେହେରା,ଝିଲି ସେଠ. ଚନ୍ଦ୍ରଶେଖର ନାୟକ, ସରପଂଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ, ସୁକାନ୍ତ ସାସମଲ, କୃଷ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ସେଠୀ, ଶଙ୍କର ମହାଙ୍କୁଡ଼ଙ୍କ ସମେତ ସମସ୍ତ ପିଇଓ, ଯୋଗାଣ ସହାୟକ,ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି କାର୍ଯ୍ୟାଳୟରେ ୧୩୩ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୬।୪(ନି.ପ୍ର.): ପ୍ରତିଥର ପରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୧୩୩ ତମ "ମନ୍ କି ବାତ୍" କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଏହା କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ ବରଂ ଦେଶର ସାଧାରଣ ଜନତାଙ୍କ ସଂଘର୍ଷ, ସଫଳତା ଏବଂ ଦେଶ ଗଠନର ଏକ ସଶକ୍ତ ମାଧ୍ୟମ। ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୦୨ ଓ ୧୦୩ ତମ ବୁଥ୍ କାର୍ଯ୍ୟକର୍ତାଙ୍କ ଉପସ୍ଥିତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ "ମନ କି ବାତ" କାର୍ଯ୍ୟକ୍ରମ ଶୁଣିଥିଲେ।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ମୋଦିଜୀ ପ୍ରଧାନମନ୍ତ୍ରୀ ହେବା ଦିନଠୁ ଏହି କାର୍ଯ୍ୟକ୍ରମ ଜରିଆରେ ସାରା ଦେଶର କୋଣ ଅନୁକୋଣରେ ଚାଲିଥିବା ଘଟଣାବଳୀ, ବ୍ୟକ୍ତି ବିଶେଷଙ୍କ ଉଲ୍ଲେଖନୀୟ କାର୍ଯ୍ୟ, ସାଧାରଣ ଲୋକଙ୍କ ସଫଳତା, ନାରୀ ସଶକ୍ତୀକରଣ ଉପରେ ବାର୍ତା ଦେଇଥାନ୍ତି। ଏହି କ୍ରମରେ ଓଡ଼ିଶାରେ ମହିଳା, ଯୁବକ, ଚାଷୀ ଓ ଉଦ୍ୟୋଗୀମାନଙ୍କ ସଫଳତା ବିଷୟରେ ମୋଦିଜୀ ଅନେକ ସମୟରେ "ମନ କି ବାତ" କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନଙ୍କୁ ଆଣିଛନ୍ତି। ଆଜିର "ମନ କି ବାତ" କାର୍ଯ୍ୟକ୍ରମ ଜରିଆରେ ମୋଦିଜୀ ପାରମାଣବିକ ଶକ୍ତି, ପବନ ଶକ୍ତି ଓ ସୌରଶକ୍ତି କ୍ଷେତ୍ରରେ ଦେଶର ଉପଲବ୍ଧତା ବିଷୟରେ କହିବା ସହ ଭାରତୀୟ ଜ୍ଞାନ ପରମ୍ପରାର ପ୍ରତୀକ ବୁଦ୍ଧ ଦର୍ଶନ, ଡିଜିଟାଲାଇଜେଶନ, ନାରୀମାନଙ୍କ ସଫଳତା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ବାଉଁଶ ଗଛ ବିଷୟରେ ଉପସ୍ଥାପନ କରିଥିଲେ। ଏସବୁ ବିଷୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। "ମନ କି ବାତ" କାର୍ଯ୍ୟକ୍ରମ ପରେ ତ୍ରଣମୂଳସ୍ତରରେ ବୁଥ୍‌କୁ ମଜଭୁତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୦୩ ନମ୍ବର ବୁଥ୍ ଓ ଶ୍ରୀ ପୂଜାରୀ ୧୦୨ ନମ୍ବର ବୁଥ୍ କାର୍ଯ୍ୟକର୍ତାଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସମେତ ଉପସ୍ଥିତ ନେତୃବୃନ୍ଦ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢ଼ାଲି, ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ନୋଜ ମହାପାତ୍ର, ବରିଷ୍ଠ ନେତାମହେଶ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭୁବନେଶ୍ୱରସ୍ଥିତ ଏକାମ୍ର ନିର୍ବାଚନ ମଣ୍ଡଳୀର ୧୧୯ ନମ୍ବର ବୁଥ୍‌ରେ ମାନନୀୟ ରାଜ୍ୟ ସଭାପତି ତଥା ସାଂସଦ ଶ୍ରୀ ମନମୋହନ ସାମଲ ମୋଦିଜୀଙ୍କ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ଶ୍ରୀ ସାମଲ କହିଥିଲେ ଯେ, ଆଦରଣୀୟ ମୋଦିଜୀଙ୍କ କଥା ଶୁଣିବା ସର୍ବଦା ପ୍ରେରଣାଦାୟକ। ତାଙ୍କର ଶକ୍ତିଶାଳୀ ଚିନ୍ତାଧାରା ଜନସେବାର ମନୋଭାବକୁ ଆହୁରି ମଜଭୁତ କରିଥାଏ। ମୋଦିଜୀଙ୍କ ନେତୃତ୍ୱରେ ଭାରତ ଗତ ୧୧ ବର୍ଷ ଧରି ପ୍ରତ୍ୟେକ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଆସୁଛି। ସେ ନେଉଥିବା ପଦକ୍ଷେପ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଥିସହ ମୋଦିଜୀ ଆହ୍ୱାନ ଦେଇଥିବା ଜନଗଣନା ଅଭିଯାନରେ ନିଜର ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ରାଜ୍ୟବାସୀଙ୍କୁ ଶ୍ରୀ ସାମଲ ଅନୁରୋଧ କରିଥିଲେ ।ଭୁବନେଶ୍ୱରସ୍ଥିତ ଉତର ନିର୍ବାଚନମଣ୍ଡଳୀର ୨୦୫ ନମ୍ବର ବୁଥ୍‌ରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି. ସିଂହଦେଓ "ମନ କି ବାତ" କାର୍ଯ୍ୟକ୍ରମ ଶୁଣିଥିଲେ। ଏହି ଅବସରରେ ବିଧାୟକ ।ବୁ ସିଂ, ରାଜ୍ୟ ସମ୍ପାଦକ ସରୋଜ କର, ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ନିରଞ୍ଜନ ମିଶ୍ର, ରାଜ୍ୟ ସହ କୋଷାଧ୍ୟକ୍ଷ ଦିବାକର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ "ମନ କି ବାତ" କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଆସି ପାରିଲାନି ଆମ୍ବୁଲାନ୍ସ, କାନ୍ଧରେ ବୁହାହେଲେ ମହିଳା

କୋଣାର୍କ, ୨୬।୪(ନି.ପ୍ର.):: ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ଶେଷ କରିବା ପରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ମଧୁବନ ଅଂଚ୍ଳର ରିଙ୍କି ସେନାପତି (୩୦) ବର୍ଷ ମନ୍ଦିର ବେଢାରେ ବସିଥିବା ବେଳେ ଏକ ବିଷାକ୍ତ ସାପ ସଂପୃକ୍ତ ମହିଳାଙ୍କୁ କାମୁଡି ଥିଲା ।ଏହି ଘଟଣା ସମ୍ପର୍କରେ ସଂପୃକ୍ତ ମହିଳାଙ୍କ ଚ଼ିକିତ୍ସା ପାଇଁ ଆମ୍ବୁଲାନ୍ସ ସେବା ପାଇଁ ଯୋଗାଯୋଗ କରାଯାଇଥିଲା ବେଳେ ମେଡିକାଲ ଛକ ଠାରୁ ନବଗ୍ରହ ମନ୍ଦିର ପର୍ଯ୍ୟନ୍ତ ନୋ ପାର୍କିଂ ଜୋନରେ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗାଡି ପାର୍କିଂ ଯୋଗୁଁ ଆମ୍ବୁଲାନ୍ସ ଭିତରକୁ ଯାଇ ପାରି ନ ଥିଲା। ନବଗ୍ରହ ପୀଠରୁ ଶ୍ରଦ୍ଧାଳୁ ଭକ୍ତମାନେ ସଂପୃକ୍ତ ମହିଳାଙ୍କୁ କାନ୍ଧରେ ବସାଇ ପ୍ରଥମେ ଚ଼ିକିତ୍ସା ପାଇଁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ସେଠାରେ ସାପ କାମୁଡ଼ା ଇଞ୍ଜ ?କସନ୍ ଉପଲବ୍ଧ ନ ଥିବାରୁ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସୂର୍ଯ୍ୟ ମନ୍ଦିର ନୋ ପାର୍କିଂ ଜୋନରେ ବେଆଇନ୍ ଦୁଇ ଚ଼କିଆ ଯାନ ପାର୍କିଂ ପାଇଁ କିଏ ଅନୁମତି ଦେଇଥିଲା ସ୍ଥାନୀୟ ପୋଲିସ ସବୁ ଦେଖି ନୀରବଦ୍ରଷ୍ଟା ସାଜିବା, ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ଯୋଗୁଁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ଯାତାୟତ ଠପ ଓ ପୂଜାର୍ଚ୍ଚନା ନ କରି ଫେରି ଯିବା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବା ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ପୂର୍ବକ ଏଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଅଂଚ୍ଳର ଜନସାଧାରଣ ମାନେ ଦାବି କରିଛନ୍ତି।

# ମଲିକେଶ୍ୱର୍ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି

ଗଞ୍ଜାମ ୨୬।୪(ନି.ପ୍ର.):: ଗତ କିଛି ଦିନ ପରେ ପୁଣି ବଢିଲା ଚୋର ଙ୍କ ଆତଙ୍କ କ୍ଷ ଗଂଜାମ ବ୍ଲକ୍ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ର ସାନ ଗୋପାଳପୁର ଗ୍ରାମରେ ଥିବା ବାବା ମଲିକେଶ୍ୱର ମନ୍ଦିର ହୁଣ୍ଡି ରୁ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି । ଶନିବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ମାନେ ମନ୍ଦିର ଭିତରେ ପଶି ସେଠାରେ ଥିବା ହୁଣ୍ଡିକୁ ଭାଙ୍ଗି ହୁଣ୍ଡିରେ ଥିବା ଟଙ୍କା ଚୋରି କରିଛନ୍ତି । ରବିବାର ସକାଳୁ ସକାଳୁ ପୂଜକ ଆସି ମନ୍ଦିର ଖୋଲିଲା ବେଳେ ତାଲା ଭାଙ୍ଗି ଚ଼ାରି ଆଡ଼ ? ଫୋପାଡ଼ି ପଡିରହିଥିବା ପୂଜକ ଦେଖିବାକୁ ପାଇଥିଲେ । ଏହା ଦେଖି ସଙ୍ଗେ ସଙ୍ଗେ ପୂଜକ ମନ୍ଦିର ପରିଚ଼ାଳନା କମିଟି ର ସଦସ୍ୟ ମାନଙ୍କୁ ଡକାଇ ଥିଲେ ଏବଂ ସମସ୍ତେ ଆସିଲା ପରେ ଲିଖିତ ଆକାରରେ ମନ୍ଦିର ପରିଚ଼ାଳନା କମିଟି ପକ୍ଷରୁ ରମ୍ଭା ଥାନାରେ ଏତଲା ଦିଆଯାଇଥିଲା । ପରେ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ସେହି ହୁଣ୍ଡିରେ ପ୍ରାୟ ୨୦ ହଜାର ରୁ ଅଧିକ ଟଙ୍କା ଥିବା ମନ୍ଦିର ପରିଚ଼ାଳନା କମିଟି ପକ୍ଷରୁ କୁହାଯାଇଛି । ଏବଂ ଖୁବ୍ ଶୀଘ୍ର ଚୋର ମାନଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ମୁଦୁଲି କହିଛନ୍ତି ।



# ନବବଧୂ ହତ୍ୟା

ମହାକାଳପଡ଼ା,୨୬।୪: କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ସ୍ଥାନୀୟ ବେଣାକନ୍ଧା ମୌଜାର ଜଣେ ନବବଧୂଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ଘର ନିକଟ ଚ଼ାଷ ଜମିରେ ମୃତ ଶରୀର ପଡ଼ି ରହଥିବା ଦେଖିବାକୁ ମିଳିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ମହିଳା ଜଣଙ୍କ ହେଲେ ତଅପୋଇ ମଣ୍ଡଳ (୨୮) ତାଙ୍କ ସ୍ୱାମୀ ବିଶ୍ୱଜିତ ମଣ୍ଡଳ। ଶାଶୁଘର ଲୋକ ହତ୍ୟା କରିଥିବା ଅଭିଯୋଗ ହେଉଛି। ପୂର୍ବରୁ ବିବାଦ ଥିବା ପ୍ରାଥମିକ ସୂଚ଼ନା ମିଳିଛି। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

# ନବଗ୍ରହ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ

## ବିଶ୍ୱାସରେ ବନ୍ଧା ଶ୍ରଦ୍ଧାଳୁ, ନବଗ୍ରହ ପୀଠରେ ମାନସିକ ରଖି ବାଲିରେ ପୋତିଲେ ଶିଶୁକୁ

କୋଣାର୍କ, ୨୬।୪(ନି.ପ୍ର.): ପବିତ୍ର ବୈଶାଖ ମାସ ର ଶେଷ ଶନିବାର ରେ ଢ଼ହ ଢ଼ହ ପ୍ରଚ଼ଣ୍ଡ ଖରା ସତ୍ତ୍ୱେ ଆଜି କୋଣାର୍କ ସୂର୍ଯ୍ୟମନ୍ଦିର ର ଉତରକୋଣ ରେ ଅବସ୍ଥିତ ଥିବା ନବଗ୍ରହ ପୀଠ ରେ ଲାଗିରହିଥିଲା ହଜାର ହଜାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ । କୋଣାର୍କ ତଥା ଏହାର ଆଖପାଖ ଅଞ୍ଚଳର ବିଶେଷ ଭାବେ ଅସ୍ତରଙ୍ଗ,ପାରାଦୀପ, ଜଗତସିଂହପୁର ସମେତ ରାଜ୍ୟର ଅନେକକ ସ୍ଥାନ ରୁ ହଜାର ହଜାର ସଂଖ୍ୟା ରେ ଶ୍ରଦ୍ଧାଳୁ ମାନେ ଆସି ଶନି ଦେବତା ଙ୍କୁ ଆରାଧନା କରି କୋଣାର୍କ ର ପ୍ରମୁଖ ପୀଠ ନବଗ୍ରହ ପୀଠ ରେ ପହଞ୍ଚି ଧାଡି ହୋଇ ଶହଶହ ଶ୍ରଦ୍ଧାଳୁ ଛିଡା ହୋଇ ନବଗ୍ରହଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଛି । କୋଣାର୍କ ସୂର୍ଯ୍ୟ ମନ୍ଦିର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ନବଗ୍ରହ ପୀଠ ରେ ପହଞ୍ଚି ନବଗ୍ରହ ମନ୍ଦିର ରେ ପୂଜା ପାଉଥିବା ଶନି ଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ କାହିଁ କେଉଁ କାଳରୁ ଚ଼ାଲି ଆସୁଥିବା ମାନସିକ କୁ ନେଇ କେତେକ ଶ୍ରଦ୍ଧାଳୁ ଛୋଟ ଛୋଟ



ପିଲାଙ୍କୁ ବାଲି ରେ ପୋତିଥିବା ଦେଖାଯାଇଥିଲା । କୁହାଯାଏ ବର୍ଷକ ର ତିନି ମାସ ମାଘ, ବୈଶାଖ ଓ କାର୍ତ୍ତିକ ମାସ ର ଶନିବାର ଶ୍ରେଷ୍ଠ ହୋଇଥିବା ବେଳେ ଏହି ମାସର ଶନିବାର ଗୁଡ଼ିକ ରେ ନିଜ ନିଜ ପରିବାର ର କଲ୍ୟାଣ ପାଇଁ ଅନେକ ବ୍ରତଧାରୀ ନାରୀ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ହୁଳହୁଳି ଓ ଶଙ୍ଖନାଦ ମଧ୍ୟରେ ଏହି ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠୁଥିଲା ବେଳେ ଯଜ୍ଞ ହୋମ ର ନିଆଁ ଓ ଧୂଆଁ ଏଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଇଥାଏ। ବହୁ ପ୍ରାଚ଼ୀନ କାଳରୁ ଚ଼ାଲି ଆସୁଥିବା ଏକ ପୁରାତନ ପ୍ରଥା କୁହେ ଯେଉଁ ମାନଙ୍କ ପିଲା ଜନ୍ମ ରୁ ଚ଼ାଲି ବୁଲି ପାରନ୍ତି ନାହିଁ ଏବଂ ଅଣ୍ଟା ସିଧା କରି ପାରନ୍ତି ନାହିଁ ସେହି ପିଲାଙ୍କୁ ଏହି ନବଗ୍ରହ ମନ୍ଦିର କୁ ଅଣାଯାଇ ପ୍ରଥମେ ନବଗ୍ରହ ଙ୍କୁ ପୂଜାର୍ଚ୍ଚନା ଓ ପରେ ବ୍ରାହ୍ମଣ ଙ୍କ ଉପସ୍ଥିତ ରେ ହୋମ ଯଜ୍ଞ ପରେ ମନ୍ଦିର ର ପଶ୍ଚିମ ପାର୍ଶ୍ୱ ରେ ବାଲି ଖୋଳା ଯାଇ ପିଲାଙ୍କୁ ପୋତା ଯାଏ ।ଯାହା ଦ୍ୱାରା ପିଲା ମାନେ ଖୁବଶୀଘ୍ର ଆରୋଗ୍ୟ ଲାଭ କରି ଚ଼ଲା ବୁଲା କରିଥାନ୍ତି ।ବିଶ୍ୱାସ ରେ ବନ୍ଧା ଶ୍ରଦ୍ଧାଳୁ ମାନେ ମାନସିକରଖି ଆଜି ଅନେକ ଶିଶୁ ଙ୍କୁ ପୋତିଥିଲେ ନବଗ୍ରହ ପୀଠ ବାଲିରେ ।ନାହିଁ ନଥିବା ଭିଡ଼ ସହିତ ପ୍ରବଳ ଖରା କୁ ନେଇ ଶ୍ରଦ୍ଧାଳୁ ମାନେ ଅସ୍ତବ୍ୟସ୍ତ ହେଉଥିବା ବେଳେ କୋଣାର୍କ ପ୍ରେସ କ୍ଲବ , ଗୋପ - କୋଣାର୍କ ଉନ୍ନୟନ ଟ୍ରଷ୍ଟ , କୋଣାର୍କ ସୁରକ୍ଷା ସମିତି, ପକ୍ଷରୁ ନବଗ୍ରହ ପୀଠ ରେ ଶ୍ରଦ୍ଧାଳୁ ମାନଙ୍କୁ ଶୀତଳ ଦହି ସର୍ବତ ଦିନତମାମ ବଣ୍ଟନ କରାଯାଇଥିଲା।

# ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଙ୍କ କୃତୀତ୍ୱ

ଯାଜପୁର ୨୬।୪(ନି.ପ୍ର.): ବଣ ମଲ୍ଲୀ ଫୁଟିଲାପରି ଗ୍ରାମାଞ୍ଚଳରେ କନ୍ୟା ମାନେ ଇଂରାଜୀ ମାଧ୍ୟମରେ ପାଠପଢ଼ି ସଫଳତର ସହ କୃତ କାର୍ଯ୍ୟ ହେବା ଉଦାହରଣ ନଗଣ୍ୟ ଥିବା ବେଳେ ଆଉ ଏକ ଉଦାହରଣ ସାଜିଛନ୍ତି ଯାଜପୁର ଜିଲ୍ଲା କୋରେଇ ବ୍ଲକସ୍ଥିତ ଧନେଶ୍ୱର ଗ୍ରାମପଞ୍ଚାୟତର ବେଗନା ଗ୍ରାମର ସୁନା ଝିଅ ହର୍ଷିତା। ହର୍ଷିତା କୋରେଇ ବ୍ଲକ୍ ଅର୍ନ୍ତଗତ ବେଗନା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ହୋଇଥିବା ବେଳେ ସେ ବେଗନାଗ୍ରାମର ଯୁବ ସମାଜସେବୀ ମନୋଜ ମଙ୍ଗରାଜ ଓ ରୀନାରାଣୀ ଜେନାଙ୍କ କନ୍ୟା ହୋଇଥିବା ବେଳେ ପୂର୍ବତନ ସାଂସଦ ଶ୍ରମିକ ନେତା ଡ. ରାମଚ଼ନ୍ଦ୍ର ଖୁଣ୍ଟିଆଙ୍କ ନାତୁଣୀ ଅଟନ୍ତି। ସେ ଚ଼ଳିତ ବର୍ଷ ସିବିଏସଇ ବୋର୍ଡ଼ରୁ ୯୬ ପ୍ରତିଶତ ନମ୍ବର ପାଇ ବିଦ୍ୟାଳୟ ସମେତ ସାରା ଅଞ୍ଚଳପାଇଁ ଗର୍ବ ଆଣିଛନ୍ତି।



ତାଙ୍କର ଏହି ସଫଳତା ରେ ବିଦ୍ୟାଳୟର ଶିକ୍ଷକ ଛାତ୍ରଛାତ୍ରୀ ସମେତ କଂଗ୍ରେସର ବରିଷ୍ଠ ନେତା ରାମଚ଼ନ୍ଦ୍ର ଖୁଣ୍ଟିଆ, କୋରେଇ ବ୍ଲକ ଙ୍କଗ୍ରେସ ସଭାପତି ହରେକୃଷ୍ଣ ସାହୁ , ଯୁବନେତା ନିରଂଜନ ନାୟକ ,ବିଜୟ ବୋଇତାଇ ସ୍ମୃତିଲିପି ରପ୍ରତିଷ୍ଠାତା ସଂପାଦକ ସାମ୍ବାଦିକ ଭୁବନମୋହନ ମହାନ୍ତି ପ୍ରମୁଖ ଖୁସି ବ୍ୟକ୍ତ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ପକ୍ଷରୁ ହର୍ଷିତା ମଂଗରାଜ ସମେତସଫଳତା ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ